ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ପ୍ରବାଳ ଦ୍ୱୀପ

ଗ୍ରନ୍ଥମନ୍ଦିର

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ପ୍ରବାଳ ଦ୍ୱୀପ

[ଆର୍. ଏମ୍. ବାଲାଣ୍ଟାଇନ୍‌ଙ୍କ Coral Island ବହିର
ସଂକ୍ଷିପ୍ତ ଓଡ଼ିଆ ଅନୁବାଦ ।]

ଅନୁବାଦକ :
ଶ୍ରୀ ଯୋଗୀନ୍ଦ୍ର ପଟ୍ଟନାୟକ

କିଶୋର ସାହିତ୍ୟ ମନ୍ଦିର
'ଶ୍ରୀନିବାସ', ସୂତାହାଟ, କଟକ-୧
ପ୍ରାପ୍ତିସ୍ଥାନ : **ଗ୍ରନ୍ଥମନ୍ଦିର,** କଟକ-୨

Digitized by srujanika@gmail.com

ପ୍ରକାଶକ : କିଶୋର ସାହିତ୍ୟ ମନ୍ଦିର
'ଶ୍ରୀନିବାସ', ସୂତାହାଟ, କଟକ-୭୫୩ ୦୦୧
ପ୍ରାପ୍ତିସ୍ଥାନ ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨
ଯୋଗାଯୋଗ : ୯୭୭୬୩୩୨୨୦୯

ମୁଦ୍ରଣ : ଅପ୍‌ଟିମା ଅଫ୍‌ସେଟ୍ ପ୍ରିଣ୍ଟସ୍
ସୂତାହାଟ, କଟକ-୧, ଫୋନ୍ : ୦୬୭୧-୨୨୦୪୧୪୮

ପ୍ରଥମ ମୁଦ୍ରଣ : ୧୯୭୦
ପୁନର୍ମୁଦ୍ରଣ : ୧୯୯୨
ପରିମାର୍ଜିତ ନୂତନ ମୁଦ୍ରଣ : ୨୦୦୩, ୨୦୦୮, ୨୦୧୬

ମୂଲ୍ୟ ଟ. ୪୦/-

Digitized by srujanika@gmail.com

ପ୍ରବାଳ ଦ୍ୱୀପ

ଦେଶ ବିଦେଶରେ ବୁଲିବାକୁ ସବୁଦିନେ ମୋତେ ଭଲଲାଗେ । ମୋ ବାପା ଥିଲେ ଗୋଟିଏ ଜାହାଜର କପ୍ତାନ, ତେଣୁ ପିଲାବେଳୁ ମୁଁ ପୃଥିବୀର ବିଭିନ୍ନ ଦେଶ ବୁଲିଛି । ମୁଁ ବାରବର୍ଷ ବୟସରୁ ଜାହାଜ ଚଢ଼ି ସମୁଦ୍ରରେ ଯାତ୍ରା ଆରମ୍ଭ କରିଛି । ସେତେବେଳେ କିନ୍ତୁ ଇଂଲଣ୍ଡର ବନ୍ଦରଗୁଡ଼ିକ ଭିତରେ ମୋର ଗତାଗତ ଥିଲା । ପୃଥିବୀ ବୁଲିଥିବା ଅନେକ ନାବିକଙ୍କଠାରୁ ସେମାନଙ୍କ ଅଭିଜ୍ଞତାର କାହାଣୀ ଶୁଣି ଦକ୍ଷିଣ ମହାସାଗରର 'ପ୍ରବାଳ' ନାମକ ଅନେକ ଛୋଟ ଛୋଟ ସାମୁଦ୍ରିକ ଜୀବ ମହାସମୁଦ୍ର ବକ୍ଷରେ କିପରି ଅଗଣିତ ଦ୍ୱୀପ ସୃଷ୍ଟି କରିଛନ୍ତି, ଏ କାହାଣୀ ଶୁଣୁ ଶୁଣୁ ମୁଁ ବିଭୋର ହୋଇଯାଏ । ମୋତେ ପନ୍ଦରବର୍ଷ ହୋଇଗଲା ପରେ ଠିକ୍‌କଲି ଏଥର ନିଶ୍ଚୟ ଦକ୍ଷିଣ ମହାସାଗରକୁ ଯିବି ।

ବାପା ମା'ଙ୍କୁ ମୋର ଇଚ୍ଛା ଜଣାଇଲି । ସେମାନେ ପ୍ରଥମେ ମନାକଲେ, ତେବେ ଶେଷରେ ବହୁ କଷ୍ଟରେ ରାଜିହେଲେ । ବାପା ତାଙ୍କର ଜଣେ ପୁରୁଣା ନାବିକବନ୍ଧୁ ସହିତ ମୋର ପରିଚୟ କରାଇଦେଲେ । ତାଙ୍କର ଏକ ଜାହାଜ ସେତେବେଳେ ଦକ୍ଷିଣ ମହାସାଗରକୁ ଯାତ୍ରାକରୁଥିଲା ।

ଶେଷରେ ଜାହାଜରେ ବାହାରିଲି । ସୁନ୍ଦର ପାଗ । ଆକାଶରେ ସୂର୍ଯ୍ୟ ଝଲମଲ, ପ୍ରକୃତି ଶାନ୍ତ । ଜାହାଜ ଆଗେଇଗଲା ଓ ପଛରେ ପଡ଼ିରହିଲା ବନ୍ଦର । ଆନନ୍ଦରେ ମୋର ମନ ପୂରିଉଠୁଥିଲା ।

ଦେଖିଲି ଜାହାଜରେ ମୋ ବୟସର ଅନେକ କିଶୋର ଅଛନ୍ତି । ସେମାନଙ୍କ ଭିତରୁ ଜେକ୍ ମାର୍ଟିନ୍ ଓ ପିଟରକିନ୍ ସହିତ ମୋର ବେଶ୍ ବନ୍ଧୁତା ହେଲା । ଜେକ୍‌ର ବୟସ ଅଠରବର୍ଷ, ମୋଠାରୁ ବଡ଼ । ତା'ର ଥିଲା ଚମତ୍କାର ସ୍ୱାସ୍ଥ୍ୟ । ସେତିକି ନୁହେଁ- ତା'ର ସ୍ୱଭାବଟି ଥିଲା ସୁନ୍ଦର । ଏଥିପାଇଁ ଜାହାଜରେ ସମସ୍ତେ ତାଙ୍କୁ ଭଲପାଉଥିଲେ । ମୋତେ ବି ସେ ଖୁବ୍ ଭଲପାଉଥିଲା । ପିଟରକିନ୍‌ର ବୟସ ଥିଲା ଚଉଦ । ଗଠନରେ ବାଙ୍ଗର— ସେ ବେଶ୍ କୌତୁକ କରିପାରେ ।

ମୁଁ ଜାହାଜ ଚଢ଼ିବାର ପ୍ରଥମ ଦିନ ହିଁ ଆମର ବନ୍ଧୁତା ଜମିଲା । ଆମର ସମୁଦ୍ର ଯାତ୍ରାର ପ୍ରଥମ ଅଂଶଟା ବିଶେଷ ଉଲ୍ଲେଖଯୋଗ୍ୟ ନୁହେଁ । ସମୁଦ୍ର କେତେବେଳେ ଶାନ୍ତ ତ କେତେବେଳେ ଭୀଷଣ ରୂପ ଧରୁଥାଏ । ମୁଁ ଉଡ଼ନ୍ତାମାଛ ଦେଖି ଆଶ୍ଚର୍ଯ୍ୟହେଲି । ସେଗୁଡ଼ିକ ପାଣି ଉପରୁ ହାତେ ଉଚ୍ଚକୁ ଉଠି ପୁଣି ପାଣିରେ ପଡୁଥାନ୍ତି ।

Digitized by srujanika@gmail.com

ଶେଷରେ ଆମେ ପ୍ରବାଳଦ୍ୱୀପ ପାଖକୁ ଚାଲିଆସିଲୁ । ଯେଉଁ ପ୍ରବାଳଦ୍ୱୀପଟିକୁ ଆମେ ପ୍ରଥମେ ଅତିକ୍ରମ କରିଗଲୁ ସେହି ଦ୍ୱୀପଟିର ଶ୍ୱେତାଭ ତୀର ଓ ଝକ୍ ଝକ୍ ସବୁଜ ତାଳଜାତୀୟ ଗଛଗୁଡ଼ିକ ଦେଖି ଆନନ୍ଦରେ ଆମର ଦେହ ଟାଙ୍କୁରି ଉଠିଲା । ଆମେ ତିନି ସାଙ୍ଗ କେବେ ଏହିପରି ଗୋଟାଏ ଦ୍ୱୀପରେ ଓହ୍ଲାଇବୁ ଏହି ଆଶାରେ ଦିନ ଗଣିବାକୁ ଲାଗିଲୁ । ଆମର ଆଶା ମଧ୍ୟ ଅବିଳମ୍ବେ ପୂର୍ଣ୍ଣ ହେଲା ।

ଦିନେ ରାତିରେ ଆମେ ସମସ୍ତେ ଜାହାଜରେ ଶୋଇଛୁ ହଠାତ୍ ପ୍ରବଳ ଝଡ଼ ବହିଲା । ଏହି ଝଡ଼ ପାଞ୍ଚ ଦିନ ଧରି ଚାଲିଲା ଓ ଆମର ଜାହାଜଟି ବିପଦରେ ପଡ଼ିଲା । ଆମେ ସମସ୍ତେ ଜୀବନର ଆଶା ଛାଡ଼ିଦେଲୁ । ଆମେ ଯେ ସମୁଦ୍ରର କେଉଁଠି ଅଛୁ; ଏକଥା ମଧ୍ୟ କପ୍ତାନ କହିପାରିଲେ ନାହିଁ । କେବଳ କହିଲେ ଯେ ଆମେ ଆମ ଲକ୍ଷ୍ୟରୁ ବହୁଦୂର ଚାଲିଯାଇଛୁ ।

ଝଡ଼ ଆରମ୍ଭ ହେବା ପରେ ଷଷ୍ଠଦିନରେ ଯାଇ ଗୋଟିଏ ଛୋଟ ଦ୍ୱୀପର କୂଳ ଦେଖାଗଲା । ଦ୍ୱୀପର ଚାରିକଡ଼ରେ ପ୍ରବାଳ ତିଆରି ଶୈଳର ଛୋଟ ଛୋଟ ଚୂଡ଼ା ପାଣି ଉପରକୁ ମଥା ଟେକି ଦ୍ୱୀପଟିକୁ ପ୍ରାଚୀର ପରି ଘେରିରହିଛି । ସମୁଦ୍ରର ଢେଉ ସେହି ପ୍ରବାଳପ୍ରାଚୀର ଉପରେ ଅଜାଡ଼ି ହୋଇ ପଡୁଛି ଥରକୁଥର । ଏ ଦ୍ୱୀପଟିକୁ ଯିବାକୁ ଉଦ୍ୟମ କରାଗଲା, କିନ୍ତୁ ଏକ ବଡ଼ ଢେଉ ଆସି ଜାହାଜରେ ପାଣି ପଶିଗଲା ।

କପ୍ତାନ ଆଦେଶ କଲେ– ଡଙ୍ଗା ସବୁ ପ୍ରସ୍ତୁତକର ଦ୍ୱୀପର କୂଳକୁ ଯିବାପାଇଁ । ଜାହାଜ ରକ୍ଷାପାଇବାର ଆଉ ଆଶା ନାହିଁ । ସମସ୍ତେ ନୀରବରେ ଓ ନିରୁତ୍ସାହରେ କାମରେ ଲାଗିପଡ଼ିଲେ । ଏ ଅଶାନ୍ତ ଝଡ଼ରେ ଏଡ଼ିକି ଛୋଟ ଡଙ୍ଗାରେ ସମୁଦ୍ରକୁ ଓହ୍ଲାଇବାକୁ କାହାର ବା ମନ ଡାକିବ !

ଜେକ୍ ଆମ ଦି'ଜଣଙ୍କୁ ଡାକି କହିଲା– "ଦେଖ, ଡଙ୍ଗାରେ ଯାଇ ଲାଭ ନାହିଁ । ଛୋଟ ଡଙ୍ଗା, ପୁଣି ଏତେ ଲୋକ– ଏହା ଅପେକ୍ଷା ଗୋଟାଏ ବଡ଼ କାଠର ଆଶ୍ରୟ ନେବା ଭଲହେବ । କପାଳ ଭଲ ଥିଲେ ନିଶ୍ଚୟ ଦ୍ୱୀପରେ ପହଞ୍ଚିବା ।"

ଆମେ ଦୁହେଁ ଜ୍ୟାକ୍‌ର କଥାରେ ରାଜିହୋଇ ବଡ଼ ଆହୁଲାଟିକୁ ଧରିଲୁ । ଏତିକିବେଳେ ଆଉ ଗୋଟାଏ ଉଚ୍ଚ ଢେଉ ପ୍ରବଳ ବେଗରେ ଆସି ଜାହାଜଟିକୁ ବୁଡ଼ାଇଦେଲା । ଆହୁଲାଟା ଜାହାଜରୁ ଖସିଗଲା । ଆମେ ସମୁଦ୍ରରେ ଭାସିବାକୁ ଲାଗିଲୁ । ସେତିକିବେଳେ ସେ ଡଙ୍ଗାଟା ମଧ୍ୟ ଓଲଟିଗଲା । ତା'ପରେ ଆଉ କିଛି ଦିଶିଲା ନାହିଁ ।

ମୋର ଯେତେବେଳେ ଚେତା ହେଲା ଦେଖିଲି ଯେ ଗୋଟାଏ ପଥର କଡ଼ରେ, ଘାସ ଉପରେ ମୁଁ ଶୋଇଛି । ମୋ ପାଖରେ ପିଟରକିନ୍ ଆଣ୍ଠୁମାଡ଼ି ବସି ମୋ ଆଖି କାନ ମୁହଁରେ ପାଣି ଛାଟୁଛି ଏବଂ ମୁଣ୍ଡର କ୍ଷତରୁ ରକ୍ତସ୍ରାବ ବନ୍ଦକରିବାକୁ ଚେଷ୍ଟା କରୁଛି ।

Digitized by srujanika@gmail.com

ସେ ପଚାରିଲା– "କେମିତି ଲାଗୁଛି ରାଲ୍‌ଫ ?"

ଆଖି ମେଲି ଦେଖିଲି ଜେକ୍ ବ୍ୟସ୍ତ ହୋଇ ମୋ ଆଡ଼କୁ ଅନେଇଛି । କହୁଣି ଉପରେ ଭରାଦେଇ ଉଠିଲି । ମୁଣ୍ଡରେ ହାତମାରି ଦେଖିଲି ଯେ ତାହା କେତେକ ସ୍ଥାନରେ କଟିଯାଇ ପ୍ରଚୁର ରକ୍ତ ବୋହୁଚି । ଜେକ୍ ମୋତେ ପୁଣି ଶୁଆଇଦେଇ କହିଲା– "ବର୍ତ୍ତମାନ ତମେ ଉଠନାହିଁ– ଶୋଇରହ । ମୋ କଥା ଶୁଣ ।"

ପିଟରକିନ୍ କହିଲା– "ନା ଜେକ୍, ତାକୁ କଥା କହିବାକୁ ଦିଅ । ତା' କଥା ଶୁଣିଲେ ମଣିଷ ନିଶ୍ଚିନ୍ତ ହେବ । ଘଣ୍ଟାଏ କାଳ ମଲାମଣିଷପରି ସେ ପଡ଼ିରହିଲା । ବାପ୍‌ରେ, ମୋ ବେକକୁ ସେ ଯେମିତି ଚିପିଧରିଥିଲା, ମୁଁ ଭାବିଲି ମୋ ଜୀବନ ଗଲା ।"

ପିଟର୍‌ର କଥା ଶୁଣି ମୋର ସବୁକଥା ମନେପଡ଼ିଲା । ପଚାରିଲି– "ପିଟରକିନ୍, ମୁଁ କ'ଣ ତମ ବେକକୁ ଚିପିଧରିଥିଲି ?"

ପିଟର– "ମନେନାହିଁ ! କ'ଣ ଭୁଲିଗଲ ?"

ରାଲଫ କହିଲା– "ସମୁଦ୍ରରେ ପଡ଼ିଯିବା ପରେ ମୋର ଆଉ କିଛି ମନେନାହିଁ ।"

ଜେକ୍ କହିଲା, "କଥା ବନ୍ଦକର ପିଟରକିନ୍ । କ'ଣ ଭୁଲିଗଲ ଯେ ସେ ଅସୁସ୍ଥ ? ମୁଁ ସବୁ କଥା ବୁଝେଇ କହିଦେଉଚି । ଆମେ ତିନିଜଣ ଜାହାଜରୁ ସମୁଦ୍ର ଭିତରକୁ ଛିଟିକିପଡ଼ିଲେ । ସେତେବେଳେ ଆହୁଲାଟା ରାଲ୍‌ଫ ମୁଣ୍ଡରେ ଜୋର୍‌ରେ ବାଜିବାରୁ

Digitized by srujanika@gmail.com

ସେ ଚେତା ହରାଇଲା ଏବଂ ତା'ର ଅଜାଣତରେ ତୁମର ବେକଟାକୁ ଜୋର୍‌ରେ ଜାବୁଡ଼ିଧରିଲା । ମୁଁ ଡରିଗଲି-ଭାବିଲି ତୁମେ ଶେଷରେ ମରିବ ! କୌଣସି ପ୍ରକାରେ ରାଲ୍‌ଫ ହାତରୁ ତୁମକୁ ମୁକ୍ତକରି ରାଲ୍‌ଫକୁ ନେଇ ଧୀରେ ଧୀରେ କୂଳକୁ ଆସିଲି ।''

ପିଟର କହିଲା– ''ଆଚ୍ଛା ଜେକ୍, ଜାହାଜଟିର ଅବସ୍ଥା କ'ଣ ହେଲା ? ମୁଁ ରାଲ୍‌ଫକୁ ନେଇ ତ ବ୍ୟସ୍ତ ଥିଲି–ଲକ୍ଷ୍ୟ କରିପାରିନାହିଁ ।'' ଜେକ୍ କହିଲା– ''ଭାଙ୍ଗିଯାଇନି-ସମୁଦ୍ର ଗର୍ଭରେ ବୁଡ଼ିଯାଇଛି ।''

କିଛି ସମୟ କଟିଗଲା । ଜେକ୍‌ଠାରୁ ଶୁଣିଲି ଯେ ଏଇଟି ଗୋଟିଏ ଦ୍ୱୀପ । ଏହି ଦ୍ୱୀପରେ ଜନ-ମାନବ ଅଛନ୍ତି କି ନାହିଁ ଜଣାନାହିଁ । ଥିଲେ ମଧ୍ୟ ନିରାପଦ ନୁହେଁ, କାରଣ ଦକ୍ଷିଣ ମହାସାଗରର ଅଧିବାସୀମାନଙ୍କ ସମ୍ପର୍କରେ ଯାହା ଶୁଣିଛି ତାହା ଯଦି ସତ୍ୟ ହୁଏ ତେବେ ସେମାନେ ଜୀଅନ୍ତା ପୋଡ଼ି ଖାଇଦେବେ ଆମକୁ । ତା'ଛଡ଼ା ଦ୍ୱୀପଟି ଜନମାନବହୀନ ଓ ନିର୍ଜନ ହୋଇଥିଲେ ଅନାହାରରେ ଆମକୁ ମରିବାକୁ ପଡ଼ିବ । ମୁଁ କହି ଉଠିଲି, ''ନା, ଆଉ ବଞ୍ଚିବାର ଆଶା ନାହିଁ ।''

ଜେକ୍ କହିଲା– ''କ'ଣ କହୁଛ ରାଲ୍‌ଫ ଆଶା ନାହିଁ ବୋଲି ? ବରଂ ମରଣ ମୁହଁରୁ ଆମେ ବଞ୍ଚିଯାଇଛେ ।''

ପିଟରକିନ୍ କହିଲା– ''ମୋର କ'ଣ ମନେହୁଏ ଜାଣ– ଆମର ବଡ଼ ଭାଗ୍ୟ ଯେ ଆମେ ଏଠାରେ ପହଞ୍ଚିଯାଇଛେ । ଆମଭଳି ତିନିଜଣ ଛୋଟ ନାବିକଙ୍କ ପକ୍ଷରେ ଏହାଠାରୁ କ'ଣ ଆଉ ଅଧିକ ଭଲ ହୋଇପାରେ ? ସମ୍ପୂର୍ଣ୍ଣ ଦ୍ୱୀପଟା ଆମ ଅଧିକାରରେ । ଏଠାର ଅସଭ୍ୟ ଅଧିବାସୀମାନଙ୍କୁ ଆମ କାମରେ ଲଗାଇବା । ଜେକ୍, ତମେ ହେବ ସମ୍ରାଟ୍, ରାଲ୍‌ଫ ହେବ ପ୍ରଧାନମନ୍ତ୍ରୀ ଏବଂ ମୁଁ–''

ଜେକ୍– ''କିନ୍ତୁ ଆଦିମ ଅଧିବାସୀ ଯଦି କେହି ନଥାନ୍ତି ?''

ପିଟର୍– ''ସେଥିରେ କ୍ଷତି କ'ଣ ? ଆମେ ଗୋଟିଏ ଚମତ୍କାର ଘର ତୋଳିବା । ଚାରିଦିଗରେ ଥିବ ଏ ଅଞ୍ଚଳର ବଗିଚା । ତା'ପରେ ଚାଷବାସ କରି ଓ ଫସଲ ଅମଳକରି ମହାଆନନ୍ଦରେ ଦିନ ବିତାଇବା ।''

ଜେକ୍ କହିଲା– ''ବାଜେ କଥା କୁହନା ପିଟରକିନ୍ । ଆମେ ନିଶ୍ଚିନ୍ତ ହୋଇ ରହିପାରିବା ନାହିଁ । ଦ୍ୱୀପଟି ଯଦି ନିର୍ଜନ ହୋଇଥିବ ତେବେ ଆମକୁ ହୁଏତ ବଣୁଆ ପଶୁ ପରି ଜୀବନ ବିତାଇବାକୁ ପଡ଼ିବ, କାରଣ କୌଣସି ଯନ୍ତ୍ରପାତି ନାହିଁ– ଛୁରୀଟିଏ ବି ଆମ ପାଖରେ ନାହିଁ ।''

ପିଟରକିନ୍ ତା'ର ପକେଟ୍‌ରୁ ଗୋଟିଏ ଛୋଟ ଛୁରୀ ବାହାରକରି କହିଲା– ''କିଏ କହିଲା ଛୁରୀ ନାହିଁ– ନିଶ୍ଚୟ ଅଛି ।'' ସେ ଯେଉଁ ଛୁରୀଟା ଦେଖାଇଲା ତା'ର ଗୋଟିଏ ପାଖ ଭଙ୍ଗା ଏବଂ ଅନ୍ୟପାଖଟିରୁ ମଧ୍ୟ ଅଧେ ଭାଙ୍ଗିଯାଇଛି ।

Digitized by srujanika@gmail.com

ଜେକ୍ କହିଲା– ନାହିଁ ମାମୁଁଠାରୁ କଣା ମାମୁ ନିଶ୍ଚୟ ଭଲ । ଏବେ ବାଜେ କଥାରେ ମୁଣ୍ଡ ପୂରାଇ ଲାଭନାହିଁ ।

x x x x

ଗୋଟାଏ ବଡ଼ ପଥର ଉପରେ ବସି ଆମ ପାଖରେ କ'ଣ କ'ଣ ସବୁ ଅଛି ଦେଖାଗଲା । ସମସ୍ତଙ୍କ ପକେଟରୁ ଯାହା କିଛି ବାହାରିଲା ଗୋଟିଏ ସ୍ଥାନରେ ଜମାକରାଗଲା ।ଏକ– ପିଟରକିନ୍‌ର ଭଙ୍ଗା ଛୁରୀ । ଦୁଇ-ଗୋଟିଏ ସୀସାଭଙ୍ଗା ପିତଳ ପେନ୍‌ସିଲ୍ । ତିନି–ଛଅଗଜ ଲମ୍ବର ସରୁ ଦଉଡ଼ି । ଚାରି–ଜାହାଜର ପାଲ ସିଲାଇ କରିବାର ଏକ ଛୁଞ୍ଚି । ପାଞ୍ଚ– ଜାହାଜର ଟେଲିସ୍କୋପ୍‌ଟି; ଏଇଟିକୁ ମୁଁ ଅଜ୍ଞାନ ଅବସ୍ଥାରେ ମଧ୍ୟ ପ୍ରାଣପଣେ ଭିଡ଼ି ଧରିଥିଲି । ଛଅ–ଜେକ୍‌ର ମୁଦିଟା । ସାତ– ଲମ୍ବ ଏକ ରବର । ଏହା ଛଡ଼ା ଆମ ପ୍ରତ୍ୟେକଙ୍କ ପିଠିରେ ପୋଷାକର ବଣ୍ଡଲ ବନ୍ଧାଥିଲା ।

ହଠାତ୍ ଜେକ୍ କହିଉଠିଲା– ଆହୁଲାଟା ! ତା' କଥା ତ ଭୁଲି ଯାଇଛ ?"

ପିଟରପିନ୍ କହିଲା– ସେଇଟା ପୁଣି କି କାମରେ ଆସିବ ? ଦେଖ, ଦ୍ୱୀପରେ ଯେତିକି ଗଛ ଅଛି ସେଥିରେ ଏମିତି ହଜାର ହଜାର ଆହୁଲା ହୋଇପାରିବ ।

ପିଟର– ସତ, କିନ୍ତୁ ଆହୁଲା ଆଗରେ ଯେଉଁ ଲୁହା ଟିକକ ଅଛି ସେଇଟା ଆମର ବହୁତ କାମରେ ଆସିବ ।

ଜେକ୍– "ଠିକ୍ କଥା, ଚାଲ ସେଇଟାକୁ ନେଇଆସିବା ।"

ତିନିଜଣ ସମୁଦ୍ର ଆଡ଼କୁ ବାହାରିପଡ଼ୁଲୁ । ରକ୍ତସ୍ରାବ ହେତୁ ମୋର ଦେହ ଦୁର୍ବଳ ଲାଗୁଥିବାରୁ ପଛେଇଯାଇଥିଲି । ଜେକ୍ ଏହା ଲକ୍ଷ୍ୟ କରି ପଛେଇ ଆସି ମୋତେ ସାହାଯ୍ୟ କଲା । ଆଶ୍ଚର୍ଯ୍ୟ ! ଝଡ଼ଟା ଯେମିତି ଜାହାଜଟାକୁ ଧ୍ୱଂସ କରିବା ପରେ ଛୁଟି ନେଇ ଚାଲିଯାଇଛି !

ପାହାଡ଼ଘେରା ଦ୍ୱୀପ, ରଙ୍ଗବେରଙ୍ଗର ସୁନ୍ଦର ଗଛପତ୍ର, ଅଗଣିତ ଗଛ ଭିତରେ ତାଳଜାତୀୟ ଗଛର ସଂଖ୍ୟା ବେଶି । ନଡ଼ିଆଗଛ ଛଡ଼ା ଅନ୍ୟଗଛ ମୁଁ ଚିହ୍ନିନଥିଲି । ଝଲମଲ ସବୁଜ ତୀରର ପ୍ରାନ୍ତ ଛୁଇଁ ବାଲିର ଶ୍ୱେତାଭ ରେଖା ଚାଲିଯାଇଛି । ସମୁଦ୍ରର ଛୋଟ ଛୋଟ ଢେଉ ତା' ଉପରେ ଅଜାଡ଼ିହୋଇପଡୁଛି ।

କୂଳରୁ ପ୍ରାୟ ମାଇଲିଏ ଦୂରରେ ବଡ଼ ବଡ଼ ଢେଉଗୁଡ଼ିକ୍ ଶବ୍ଦ କରି ପ୍ରବାଳ ପ୍ରାଚୀର ଉପରେ ଅଜାଡ଼ି ହୋଇପଡୁଛି । ପ୍ରବାଳପ୍ରାଚୀର ପ୍ରାୟ ସମସ୍ତଦ୍ୱୀପଟିକୁ ଘେରିରହିଛି ଏବଂ ଢେଉର ସମସ୍ତ ଉଦ୍ଦାମତା ନିଜ ମୁଣ୍ଡ ଉପରେ ଧରି କୂଳରେ ପହଞ୍ଚିବା ପୂର୍ବରୁ ଢେଉଗୁଡ଼ିକୁ ନିସ୍ତେଜ କରିଦେଉଛି । ଫଳରେ ପ୍ରବାଳପ୍ରାଚୀର ଓ ଦ୍ୱୀପ ଏହା ମଝିର ଜଳରାଶି ନିସ୍ତରଙ୍ଗ ଓ ଶାନ୍ତ ।

Digitized by srujanika@gmail.com

ହଠାତ୍ ପିଟରକିନ୍‌ର ଚିତ୍କାରରେ ଆମେ ଚମକିପଡ଼ିଲୁ । ସମୁଦ୍ରଆଡ଼କୁ ଅନାଇ ଦେଖିଲୁ ଯେ ସେ କେବଳ ନାଚୁଛି, ଡେଉଁଛି ଏବଂ କ'ଣଟାଏ ପ୍ରାଣପଣେ ଟାଣୁଛି । ଜେକ୍ ମୋତେ ଟାଣି ନେଇ ଯିବାକୁ ଲାଗିଲା ତା'ପାଖକୁ । କି ଅଦ୍ଭୁତ ପିଲାଟାଏ ସତେ ? ପିଟ୍‌ରକିନ୍ ଚିତ୍କାର କରୁଛି—ପାଇଛି ! ଏଇଥର ପାଇଛି ! ଠିକ୍ ଏଇ ଜିନିଷଟି ଚାହୁଁଥିଲି—ବଢ଼ିଆ !

ତା'ର ପାଖକୁ ଆସି ଆମେ ଦେଖିଲୁ ଯେ ଆହୁଲା ଅଗରୁ ଲୁହାଟା ଖୋଲିନେବା ପାଇଁ ପିଟରକିନ୍ ଚେଷ୍ଟା କରୁଛି, କିନ୍ତୁ ପାରୁନାହିଁ । ଲୁହାଟା ଟାଣିନେଇ ଜେକ୍ କହିଲା— ଏତେବେଳେ ଗୋଟାଏ ଦାମିକା ଜିନିଷ ପାଇଛି । ଶହେଟା ଛୁରୀ ଅପେକ୍ଷା ଏହାର ଦାମ୍ ଅନେକ ବେଶି । ଦେଖୁଚତ ଜିନିଷଟା କିପରି !'' ଆମେ ସେଇଟିକୁ ନେଇ ଚାଲିଲୁ ।

ଜେକ୍ କହିଲା, ''ଜାହାଜଟା ଯେଉଁଠି ଧକ୍କା ଖାଇଥିଲା ସେଠାକୁ ଚାଲ । ଢେଉରେ ଭାସି ଆସି ଯଦି କୂଳରେ କିଛି ପଡ଼ିଥିବ ! ଆଶା ତ ନାହିଁ, ତେବେ ଦେଖିଲେ କ୍ଷତି କ'ଣ?''

ଅସ୍ତ ସୂର୍ଯ୍ୟର ଆଭାରେ ଆଲୋକିତ ସମୁଦ୍ର ତୀରରେ ଯାଉ ଯାଉ ପିଟରକିନ୍‌ର ହଠାତ୍ ମନେପଡ଼ିଲା ବଣଫଳ ଛଡ଼ା କ'ଣ ଆଉ ଏଠାରେ ଅଛି ଖାଇବାକୁ । ସେ

Digitized by srujanika@gmail.com

ଜେକ୍‌କୁ କହିଲା, ‘‘ଜେକ୍, ଏ ବଣର ଫଳଗୁଡ଼ାକ ଯଦି ବିଷାକ୍ତ ଓ ସ୍ୱାଦହୀନ ହୁଏ ତେବେ ଉପାୟ କ’ଣ?’’

ଜେକ୍ କହିଲା– ‘‘ସେ ଭୟ ନାହିଁ । ମୁଁ ଲକ୍ଷ୍ୟକରି ଦେଖିଚି ଏଗୁଡ଼ିକ ଭିତରେ କେତେଗୁଡ଼ିଏ ଫଳ ଆମ ଦେଶର ଫଳ ଭଳି । ତା’ଛଡ଼ା ଦି’ଟା ପକ୍ଷୀ ସେସବୁ ଫଳ ଖାଇବାର ମୁଁ ଲକ୍ଷ୍ୟ କରିଚି । ଯେଉଁ ଫଳ ଖାଇ ପକ୍ଷୀ ମରୁନାହିଁ, ସେଗୁଡ଼ିକ ମଣିଷ ପାଇଁ ବିଷାକ୍ତ ହେବ କାହିଁକି ? ଏଇ ଦେଖ, ଆଗରେ ଦିଶୁଛି ନଡ଼ିଆଗଛ । ଏଇଥିରେ ଆମର କ୍ଷୁଧା ଓ ତୃଷା ଦୂରହେବ । ନଡ଼ିଆର ପାଣି ଓ ରସ ଯେପରି ସୁସ୍ୱାଦୁ ସେମିତି ପୁଷ୍ଟିକର । ଆଉ ଚିନ୍ତିତ ହେବାର କାରଣ ନାହିଁ ।’’

ଜେକ୍ କହିଲା– ‘‘ଦେଖିଲ, ଏଇ କଥା ଏଯାଏଁ ମୋ ମୁଣ୍ଡରେ ପଶିନାହିଁ ! ଗୋଟିଏ ଗଛରେ ପାଣି ଆଉ ଖାଦ୍ୟ ! ସମୁଦ୍ରରେ ସ୍ନାନ କରି ରାଜା ଭଳି ଦ୍ୱୀପରେ ବାସକରିବା । ବିତିଯାଉ ଜୀବନ । ଚମତ୍କାର !’’

ଜାହାଜ ଯେଉଁଠାରେ ଧକ୍‌କା ଖାଇଥିଲା ସେଠାରେ ଆସି ପହଞ୍ଚିଲୁ । ପାଖ ଆଖ ଅନେକ ଖୋଜିଲୁ, କିନ୍ତୁ କିଛି ପାଇଲୁ ନାହିଁ । ଆମ ବିଶ୍ରାମସ୍ଥଳୀରୁ ଫେରୁ ଫେରୁ ସଞ୍ଜହୋଇଯିବାରୁ ପାହାଡ଼ ଉପରକୁ ଉଠି ଦ୍ୱୀପଟି ଦେଖିବା କାମ ସେଦିନ ହୋଇପାରିଲା ନାହିଁ । ତେବେ କିଛି ପତର ବିଛାଇ ଏକ ବିଛଣା କଲୁ । ପିଟରକିନ୍ ଯାଇ ନଡ଼ିଆ ତୋଳି ଆଣିଲା । ଏ ଯେଉଁ ଅନ୍ଧକାର ନିଆଁ ନ ହେଲେ ଅଡୁଆ । କିନ୍ତୁ ଏପରି ନିର୍ଜନ ଦ୍ୱୀପରେ ନିଆଁ ଆସିବ କେଉଁଠୁ ?

ଜେକ୍ ଟିକିଏ ସମୟ ଚିନ୍ତାକରି ହଠାତ୍ ଉଠିପଡ଼ିଲା ଓ ଗୋଟିଏ ଗଛର ଏକ ସରୁ ଡାଳ କାଟି ଆଣି ତା’ର ବକଳାଟା ଛଡ଼େଇଦେଲା । ତା’ପରେ କହିଲା– ‘‘ଇମିତି ନିଆଁ ଜାଳିବାର ଦେଖିଛି । ଦଉଡ଼ିଟା ଦେଲ ମୋତେ ।’’

ସେ ବକଳାହୀନ ଡାଳଟିର ଦି’ପଟରେ ଦଉଡ଼ିବାନ୍ଧି ଏକ ଧନୁ ତିଆରି କଲା । ତା’ପରେ ଗୋଟାଏ ଶୁଖିଲା ଡାଳରୁ ତିନିଇଞ୍ଚ ଲମ୍ବର ଖଣ୍ଡେ କାଟିନେଇ ତା’ର ଦି’ପାଖ ଗୋଜିଆକରି ଧନୁର ଗୁଣ ଗୁଡ଼ାଇଲା । ଦଉଡ଼ି ଗୁଡ଼ାହୋଇଥିବା ସେଇ ଛୋଟ କାଠଟିର ଗୋଟିଏ ମୁଣ୍ଡ ଶୁଖିଲା ଡାଳର ବକଳାରେ ରଖି ଆଉ ଖଣ୍ଡିଏ କାଠର ମୁନିଆ କାଠିଟିର ଅନ୍ୟ ପାଖଟା ଗୋଟାଏ ହାତରେ ଚାପି ଧରିଲା । ତା’ପରେ ଅନ୍ୟ ହାତରେ ଜୋର୍‌ରେ ଧନୁଟିକୁ ଘଷିବାକୁ ଲାଗିଲା । କେଇ ମିନିଟ୍ ଭିତରେ ଶୁଖିଲା କାଠରୁ ଧୂଆଁ ବାହାରିବାକୁ ଲାଗିଲା ଓ ପରେ ପରେ କାଠଟା ଜଳିଉଠିଲା । କେଇ ମିନିଟ ଭିତରେ ଆମେ ନିଆଁ ଚାରିପାଖେ ବସି ମଉଜରେ ନଡ଼ିଆ ଖାଇବାକୁ ଲାଗିଲୁ ।

× × × ×

Digitized by srujanika@gmail.com

ଜାହାଜ ବୁଡ଼ିବାର ପରଦିନ ସକାଳ । ବଡ଼ିସକାଳୁ ନିଦ ଭାଙ୍ଗିଗଲା । ଉଠି ଦେଖିଲି ପିଟରକିନ୍ ଓ ଜେକ୍ ଉଠିନାହାନ୍ତି । ପିଟରକିନ୍‌ର ମୁଣ୍ଡ ଉପରେ ଲମ୍ବିଥିବା ଗୋଟିଏ ଡାଳରେ ଛୋଟ ଚଢ଼େଇଟିଏ ବସିଛି । ସୁନ୍ଦର ଚଢ଼େଇଟି । ପକ୍ଷୀଟି ଟିକିଏ ମୁଣ୍ଡ ହଲାଇ ତଳେ ପିଟରକିନ୍‌କୁ ଦେଖିଲା ଥରେ ଡାହାଣ ଆଖିରେ, ତା'ପରେ ବାଁ ଆଖିରେ । ପିଟରକିନ୍ ପାଟି ମେଲା କରି ଶୋଇଛି । ଦେଖିବାକୁ ବେଶ୍ ମଜାଲାଗିଲା । ଚଢ଼େଇଟିର କି ସାହସ– ସେ ପିଟରକିନ୍‌ର ମୁହଁ ପାଖକୁ ଉଡ଼ିଯାଇ ଜୋର୍‌ରେ ଚିତ୍କାର କରିଉଠିଲା । ଏଥିରେ ପିଟରକିନ୍‌ର ନିଦ ଭାଙ୍ଗିଗଲା । କିନ୍ତୁ ସେତେବେଳକୁ ପକ୍ଷୀଟା ଉଡ଼ି ପଳାଇଯାଇଛି ।

ପିଟରକିନ୍ ଆଖି ମକଚି କହିଲା – କେତେଟା ବାଜିଲାଣି କି ? ମୁଁ ହସି ହସି କହିଲି ଘଡ଼ିଟା ସମୁଦ୍ର ତଳେ ରହିଯାଇଛି । ସମୟ ବେଶି ହୋଇନାହିଁ – ଏଇ ତ ସୂର୍ଯ୍ୟ ଉଠିଲା !



ସେ ଚାରିଆଡ଼କୁ ଅନାଇ ହଠାତ୍ ଡେଇଁପଡ଼ିଲା ଓ ଆନନ୍ଦରେ ଦୌଡ଼ିଯାଇ ବାଲି ପାରିହୋଇ ପାଣିରେ ପଶିଲା । ତା'ର ଚିତ୍କାରରେ ଜେକ୍‌ର ନିଦ ଭାଙ୍ଗିଗଲା । ସେ ଅବାକ୍ ହୋଇ ଏଣେ ତେଣେ ଅନାଇବାକୁ ଲାଗିଲା । ତା'ପରେ ପିଟରକିନ୍‌କୁ ଦେଖି ସେ ମଧ୍ୟ ଗୋଟାଏ ଦଉଡ଼ରେ ଯାଇ ବାଲି ପାରିହୋଇ ସମୁଦ୍ରକୁ ଡେଇଁପଡ଼ିଲା । ଏହାପରେ ମୁଁ କ'ଣ ଆଉ ରହିପାରେ ?

Digitized by srujanika@gmail.com

ଜେକ୍ ସନ୍ତରଣରେ ବେଶ୍ ପଟୁ । ମୁଁ ମଧ୍ୟ ସେହିପରି ଓସ୍ତାଦ୍ । ପିଟରକିନ୍ କିନ୍ତୁ ଭଲ ପହଁରିଜାଣେନାହିଁ । ସେଥିପାଇଁ ଗଭୀର ସମୁଦ୍ର ଭିତରକୁ ଯିବାକୁ ତା'ର ବଡ଼ ଭୟ । ଜେକ୍ ଓ ମୁଁ ପ୍ରାୟ ଗଭୀର ସମୁଦ୍ର ଭିତରକୁ ଗଲୁ ଏବଂ ବୁଡ଼ାମାରି କେତେ ଜିନିଷ ତଳୁ ବାହାରକଲୁ । ଆମର ଦ୍ୱୀପ୍ ଏବଂ ସେହି ପ୍ରବାଳ ପ୍ରାଚୀର ଶ୍ରେଣୀ ମଧ୍ୟର ପାଣି ଏତେ ଶାନ୍ତ ଯେ ଅନେକ ସମୟରେ ପାଣି ତଳର ସମସ୍ତ କିଛି ସ୍ପଷ୍ଟ ଦେଖାଯାଉଥାଏ । ମୁଁ ପ୍ରଥମଥର ବୁଡ଼ାମାରି ପାଣି ତଳେ ଯେଉଁ ଅପୂର୍ବଦୃଶ୍ୟ ଦେଖିଲି ସତରେ ତାହା କେବେ ଭୁଲିପାରିବି ନାହିଁ । ଅଗଣିତ ଆକୃତିର ରଙ୍ଗବେରଙ୍ଗର ପ୍ରବାଳ ସମୁଦ୍ର ବୁକୁରେ ବିଞ୍ଛୁଡ଼ିହୋଇପଡ଼ିଛି । ଲାଲ, ନୀଳ, ସବୁଜ, ହଳଦିଆ କେତେ ରଙ୍ଗର ମାଛ ଖେଳୁଛନ୍ତି, ଅଥଚ ଆମକୁ ଦେଖି ଟିକିଏ ବୋଲି ଭୟକରୁନାହାନ୍ତି ।

ଜେକ୍ ପଚାରିଲା– ଏପରି ଅପୂର୍ବ ଦୃଶ୍ୟ ଆଗରୁ କେବେ ଦେଖିଛ ? ମୁଁ କହିଲି ସତରେ ଜେକ୍, କେବେ ଦେଖି ନାହିଁ । ଏ ତ ସ୍ୱପ୍ନ ରାଜ୍ୟ ! ଜେକ୍– ହଁ, ସତେ ସ୍ୱପ୍ନ ରାଜ୍ୟ ! ଆସ ସ୍ୱପ୍ନ ଦେଖିବା ।

ସେ ପୁଣି ବୁଡ଼ଦେଲା । ମୁଁ ମଧ୍ୟ ବୁଡ଼ମାରିଲି ତା' ସଙ୍ଗେ ସଙ୍ଗେ ।

X - X X X

ଠିକ୍ କଲୁ ଯେ ଜଳଖିଆ ଖାଇସାରିବା ପରେ ଦ୍ୱୀପଟା ଭଲକରି ଦେଖିବାକୁ ହେବ । ଗୋଟିଏ ଗୁହା ଭିତରେ ଆମର ସବୁତକ ଜିନିଷ ରଖିଲୁ । ଦି'ଟା ଠେଙ୍ଗା ତିଆରି କଲୁ– ଗୋଟିଏ ମୁଁ ଧରିଲି ଏବଂ ଅନ୍ୟଟି ପିଟରକିନ୍ ଧରିଲା । ଜେକ୍ ଲୁହାଟା ଧରିଲା– ତାକୁ ତେଣ୍ଟା କୁହାଯାଉ । ରାସ୍ତାରେ ବିପଦର ସମ୍ଭାବନା ଅଛି ତ !

ସମୁଦ୍ର ଧାରେ ଧାରେ କିଛି ଦୂର ଆଗେଇଯିବାପରେ ଗୋଟିଏ ଉପତ୍ୟକାରେ ଆସି ପହଞ୍ଚିଲୁ । ଦେଖିଲୁ ଗୋଟିଏ ଛୋଟ ନଦୀ ଉପତ୍ୟକା ଦେଇ ବୋହିଯାଉଛି । ଜେକ୍ ଆଗରେ ଚାଲିଛି । ଆମ ଭିତରେ ସେ ଅଧିକ ବୁଦ୍ଧିମାନ୍ ଓ ବଳୁଆ । ମଝିରେ ପିଟରକିନ୍, ପଛରେ ମୁଁ ଚାଲିଛି । ଆମେ ଯାଇ ଗୋଟିଏ ପାହାଡ଼ର ପାଦଦେଶରେ ପହଞ୍ଚିଲୁ । ଜେକ୍ ହଠାତ୍ ଆବିଷ୍କାର କଲା– ରୁଟିଫଳ ଗଛ । କହିଲା– ଜାଣିଚ, ଏଇଟା ରୁଟିଫଳ ଗଛ !

—ରୁଟିଫଳ ଗଛ ? ପଚାରିଲା ପିଟରକିନ୍ ।

ଜେକ୍ କହିଲା– ଦକ୍ଷିଣ ମହାସାଗରର ଦ୍ୱୀପଗୁଡ଼ିକରେ ଏ ଗଛ ଦେଖିବାକୁ ମିଳେ ! ବର୍ଷରେ ଦୁଇ ତିନିଥର ଫଳ ଧରେ । ରୁଟିପରି ଏ ଫଳଗୁଡ଼ିକ । ଦକ୍ଷିଣ ମହାସାଗର ଅଞ୍ଚଳର ବାସିନ୍ଦାମାନେ ଏହା ଖାଇବାକୁ ଭଲପାଆନ୍ତି ।

Digitized by srujanika@gmail.com

ପିଟରକିନ୍ କହିଲା– ଅଜବ୍ ଦ୍ୱୀପ ଇଏ । ରୁଟି, ପାଣି କେଉଁଥିରେ ଅଭାବ ନାହିଁ । ସତରେ ଜେକ୍, ତମେ ବହୁତ ଖବର ରଖିଛ !

ଜେକ୍ କହିଲା– ତେବେ ଅନେକ ଗଛ ଅଛି ଯାହା କଥା ଜାଣେନା ।

ପିଟର– ତମ ବୟସ ଅନୁପାତରେ ତମେ ବହୁତ୍ କଥା ଜାଣିଛ ।

ଏ ଆବିଷ୍କାର ଫଳରେ ଆମ ମନ ଖୁସିରେ କୁରୁଳିଉଠିଲା । ଆମେ ଆନନ୍ଦରେ ପାହାଡ଼ ଉଠିବାକୁ ଲାଗିଲୁ । ତା'ପରେ ଦେଖିଲୁ ଆଉ ଏକ ଉଚ୍ଚ ପାହାଡ଼ ରହିଛି । ଦୁଇ ପାହାଡ଼ ଭିତରେ କେତେ ରକମର ଗଛପତ୍ର । ବଡ଼ ପାହାଡ଼ଟି ଉପରେ ଚଢ଼ିଲୁ । ଏହା ଉପରେ ଠିଆହେଲେ ଚାରିଆଡ଼ ସୁନ୍ଦର ଦିଶେ ।

ସେଇ ସୁନ୍ଦର ଉପତ୍ୟକାଟି ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଲମ୍ୱିଯାଇଛି । ମଝିରେ ଉଚ୍ଚ ଓ ଅନ୍ୟ ଦୁଇଟି ଦିଗ ଢାଲୁ ହୋଇ ସମୁଦ୍ର ପର୍ଯ୍ୟନ୍ତ ଲମ୍ୱିଛି । ହଠାତ୍ ଦେଖିଲେ ମନେହୁଏ ଯେ ବଡ଼ ପାହାଡ଼ଟା ଯେପରି ଟିକିଏ ଟିକିଏ କରି ସମୁଦ୍ରକୁ ଓହ୍ଲାଇଯାଇଛି । ମଝିରେ ବହୁ ଉପତ୍ୟକା ମଧ୍ୟ ରହିଛି । କେତେ ଝରଣା ବାହାରିଛି ତା' ଦିହରୁ । ଦ୍ୱୀପଟି ପ୍ରାୟ ଗୋଲାକାର । ବ୍ୟାସ ଦଶମାଇଲ ହେବ । ଚାରିଆଡ଼େ ବୁଲିଆସିଲେ ତିରିଶ ମାଇଲରୁ ଅଧିକ ହେବ । ଜାହାଜଟି ଯେଉଁପଟେ ବୁଡ଼ିଥିଲା ସେ ପଟରେ ଛୋଟ ଛୋଟ ଦ୍ୱୀପ ଦେଖିବାକୁ ମିଳେ । ଆମ ଜାହାଜର କପ୍ତାନ ସେଥିରୁ ଗୋଟାକରେ ଓହ୍ଲାଇବାକୁ ଉଦ୍ୟମ କରିଥିଲେ । ଆହୁରି ଅନେକ ଛୋଟ ଛୋଟ ଦ୍ୱୀପ ଚାରିଆଡ଼େ ରହିଛି ।

ତା' ପରେ ଆମେ ଫେରିଲୁ । ଆସିଲାବେଳେ ଦେଖିଲୁ ଚତୁଷ୍ପଦ ଜନ୍ତୁର ପାଦ ଚିହ୍ନ । ଏ ଚିହ୍ନଗୁଡ଼ିକ ଏବର କି ପୁରୁଣା ଠିକ୍ ବୁଝିପାରିଲୁନାହିଁ । ଯା' ହେଉ ମାଂସ ମିଳିବା ଆଶାରେ ଖୁସି ହୋଇ ଆମ ଗୁମ୍ଫାରେ ଆସି ପହଞ୍ଚିଲୁ । ଭୋଜନ ପରେ ଆମର ଅନେକ କଥାବାର୍ତ୍ତା ଚାଲିଲା । ଶେଷରେ ଆମେ ନିଶ୍ଚିତ ହେଲୁ ଯେ ଏଦ୍ୱୀପରେ ଜନମାନବ ନାହାନ୍ତି ।

× × × ×

ଏହାପରେ କେତେ ଦିନ କଟିଗଲା । ଏ ଭିତରେ ଏପରି କିଛି ବିଶେଷ ଘଟଣା ଘଟିନାହିଁ । ଜେକ୍ କିନ୍ତୁ ଚୁପ୍‌ଚାପ୍ ନଥିଲା । ଆହୁଲାର ଲୁହାଟିରୁ ତିନିଇଞ୍ଚ କାଟିନେଇ ଛୁରୀ ଖଣ୍ଡିଏ ତିଆରିକରିଥିଲା । ପିଟରକିନ୍ ମଧ୍ୟ ଚୁପ୍‌ଚାପ୍ ରହିବା ପିଲା ନୁହେଁ । ସେ ଦଉଡ଼ିଟିରେ ଶାମୁକା ବାନ୍ଧି ମାଛ ଧରିବାକୁ ଲାଗିଲା । ମାଛଗୁଡ଼ିକ ଶାମୁକା ଖାଇବା ମାତ୍ରକେ ସେ ହଠାତ୍ ଟାଣି ଉଠାଇ ଆଣେ । ତେବେ ଦଉଡ଼ିଟା ଛୋଟ

Digitized by srujanika@gmail.com

ହେବାରୁ ଗଭୀର ଜଳରେ ତାହା ପକାଇପାରୁ‌ନଥିଲା । ତେଣୁ ଯେଉଁ ମାଛସବୁ ଧରୁଥିଲା ସେ ସବୁ ଛୋଟ ଛୋଟ ।

ଦିନେ ପିଟରକିନ୍ ମାଛ ଧରି ଆସି କହିଲା— ଦେଖ, କମ୍ ପାଣିରେ ଛୋଟ ଛୋଟ ମାଛ ଧରିବାକୁ ଆଉ ଭଲଲାଗୁ ନାହିଁ । ଶୁଣୁଛ ଜେକ୍, ମୋତେ ପିଠିରେ ବୋହି ଗଭୀର ପାଣିକୁ ନେଇଯାଅ ତ— ମୁଁ ଭଲକରି ମାଛ ଧରେ !

ଜେକ୍ କହିଲା— ଏଇ କଥା ତ ! ଗୋଟିଏ ଡଙ୍ଗା କଲେ ତ ଚଳନ୍ତା !

ପିଟର୍— ଅନେକ ଡେରିହେବ । ମୁଁ ଏତେ ଡେରି ସହିପାରିବିନି ।

ଜେକ୍— ବେଶ୍, ତେବେ ଗୋଟାଏ ଗଛର ଗଣ୍ଡି କାଟିଦେଉଛି ।

ସମୁଦ୍ର କୂଳରୁ ସାଧାରଣଭାବେ ବଡ଼ ଗୋଟାଏ ଗଛ କାଟିବାକୁ ବେଶି ଡେରି ହେଲାନାହିଁ । କାଠଗଣ୍ଡି ଦୁଇଟି ମିଶାଇ ଏକ ଭେଳା କରାଗଲା । ଦି'ପଟେ ପାଦ ଝୁଲାଇ ତା' ଉପରେ ମଉଜରେ ବସି ଆମେ ଆହୁଲା ମାରିବାକୁ ଲାଗିଲୁ । ଭେଳାଟି ବେଳେ ବେଳେ ଓଲଟି ଯାଉଥିଲା, କିନ୍ତୁ ଓଦା ପୋଷାକ ଶୁଖିବାରେ ବିଶେଷ କିଛି ସମୟ ଲାଗୁନଥିଲା ।

ସମୁଦ୍ରରେ ମାଛଧରା ଚାଲିଛି । ପିଟରକିନ୍ ଉଚ୍ଚ ସ୍ୱରରେ କହିଚାଲିଛି — ଜେକ୍, ଧୀରେ ଧୀରେ ଚଳାଅ । ଏଇ ଯେ ଗୋଟାଏ ବଡ଼ମାଛ ଦେଖୁଛି— ଆଗରେ ଆସୁଛି । ଯାଃ, ଚାଲିଗଲା ।

ଜେକ୍ କହିଲା— କ'ଣ ଥୋପ ଖାଇଥିଲା ?

ପିଟରକିନ୍— ଟିକିଏ ବୋଧେ ଖାଇଥିଲା । ଟାଣିଲି, କିନ୍ତୁ....

ଜେକ୍ ହସି ହସି କହିଲା— ଆଚ୍ଛା, ଆଉଥରେ ଚେଷ୍ଟା କର ।

ସେ ମାଛଟା ଆଉ ଆସିଲା ନାହିଁ । କିଛି ଦୂର ଆସିବା ପରେ ଦେଖିଲୁ ଗୋଟାଏ ବଡ଼ ମାଛ ଗୋଟିଏ ଗାତ ଭିତରୁ ବାହାରି ଚାରା ଆଡ଼କୁ ମାଡ଼ିଆସି ଶାମୁକାଟାକୁ ଗିଳିଦେଲା । ପିଟରକିନ୍ ଦଉଡ଼ିଟି ଟାଣୁ ଟାଣୁ ଉତ୍ସାହିତ ହୋଇ ଚିତ୍କାରକଲା— "ଏଥର ଭାବନା ନାହିଁ ଧରିପକେଇଛି ।" ମାଛଟାକୁ ଦେଖିବାକୁ ଆମେ ଝୁଙ୍କି ପଡ଼ିବାରୁ ଭେଳାଟା ହଠାତ୍ ଓଲଟିଗଲା । ପିଟରକିନ୍ ମାଛଟାକୁ ଜାବୁଡ଼ି ଧରିଲା ଏବଂ ଆମେ ତିନିଜଣ ପାଣି ଭିତରେ ପଡ଼ିଗଲୁ । ତା'ପରେ ପୁଣି ଭେଳା ଉପରକୁ ଉଠିଲୁ । ପିଟରକିନ୍ ମାଛଟାକୁ ସେମିତି ଜାବୁଡ଼ି ଧରିଥାଏ । ତା'ପରେ ମାଛଟିକୁ ଭଲକରି ଭେଳାରେ ବାନ୍ଧିଦେଇ ପୁଣି ଗୋଟାଏ ଶାମୁକା ଦଉଡ଼ିରେ ଗୁନ୍ଥି ପାଣିରେ ପକାଇଲା ।

ଆମେ ପାଟିତୁଣ୍ଡ କରୁଥାଉ, ଦେଖିଲୁ ଦୂରରେ ପାଣିଟା ଜୋର୍‌ରେ ହଲୁଚି । ପିଟରକିନ୍ ଭାବିଲା ବଡ଼ ମାଛଟାଏ ହବପରା ! ସେ ଜେକ୍‌କୁ କ'ଣ କହିଲା ।

Digitized by srujanika@gmail.com

ଜେକ୍ କିନ୍ତୁ ତାହା ନଶୁଣି ଭୟାର୍ତ୍ତ ଚାପାଗଳାରେ କହିଉଠିଲା– ଦଉଡ଼ି ଉଠାଇନେଇ ଶୀଘ୍ର ଆହୁଲା ମାର । ଏଟା ଗୋଟାଏ ହାଙ୍ଗର୍ ।

ଏକଥା ଶୁଣି ଆମର ଅନ୍ତରାତ୍ମା ଭୟରେ ଥରିଗଲା । ପାଦଗୁଡ଼ିକ ପାଣି ଭିତରୁ-ଉପରକୁ ଉଠାଇଦେଲେ ଭେଳାଟି ବୁଡ଼ିଯିବ । ପିଟ୍ରକିନ୍ ଓ ମୁଁ ପ୍ରାଣପଣେ ଆହୁଲା ମାରି କୂଳଆଡ଼କୁ ଯିବାକୁ ଲାଗିଲୁ । ମାତ୍ର ହାଙ୍ଗରଟା ଆମର ପିଛା ନେଇଛି ଓ ଆମର ଚାରିକଡ଼େ ବୁଲି ବୁଲି ସୁଯୋଗର ଅପେକ୍ଷା କରୁଛି । ଜେକ୍ କହିଲା– "ସେଟା ପାଖେଇ ଆସିଲାଣି- ସାବଧାନ !" ସତରେ ପାଖେଇଆସିଛି ହାଙ୍ଗରଟା । ଆମେ ସବୁ ବଳ ଲଗାଇ ଆହୁଲା ମାରୁଛୁ ।

ଜେକ୍ କହିଲା– ଧରିଥିବା ମାଛଟା ତା' ପାଖକୁ ଫିଙ୍ଗିଦିଅ ପିଟରକିନ୍ ।

ଜେକ୍‌ର କଥା ମାନି ପିଟରକିନ୍ ମାଛଟା ପକାଇଦେଲା ହାଙ୍ଗର ଆଡ଼କୁ । ହାଙ୍ଗରଟା ମାଛଟାକୁ ନେଇ ଅଦୃଶ୍ୟ ହେଲା । କିନ୍ତୁ କିଛି ସମୟ ପରେ ପୁଣି ଭାସି ଉଠିଲା । ତା' ପାଟିର ଦାନ୍ତଗୁଡ଼ାକୁ ଦେଖି ଆମେ ଭୟରେ ଥରିଉଠିଲୁ । ଜେକ୍ ଭାବିଥିଲା ଯେ ହାଙ୍ଗର ମାଛଟା ଖାଇ ପଳାଇଯିବ, କିନ୍ତୁ ମନେହେଲା ସେ ପୁଣି ଆମକୁ ଆକ୍ରମଣ କରିବ ।

Digitized by srujanika@gmail.com

ଜେକ୍ ଚିତ୍କାର କରିଉଠିଲା— ଦେଖ, ହାଙ୍ଗରଟା ଖୁବ୍ ପାଖରେ । ତମେ ଦି'ଜଣ ହାଙ୍ଗରକୁ ନ ଅନାଇ ଭେଳା ଯେପରି ନ ବୁଡ଼ିବ ସାବଧାନ ଓ ଜୋର୍‌ରେ ଆହୁଲା ମାର ।

ଭୟରେ ବୁକୁଟା ଥରିଉଠୁଥିଲା । ଜେକ୍ ମନାକରିବାସତ୍ତ୍ୱେ ଆମେ ହାଙ୍ଗରଟାକୁ ନ ଅନାଇ ରହିପାରିଲୁ ନାହିଁ । ସେତେବେଳକୁ ଜେକ୍ ତେଣ୍ଟାଟାକୁ ଧରି ସ୍ଥିର ହୋଇ ବସିଛି । ଜେକ୍‌ର ଝୁଲିଥିବା ପାଦଟାକୁ ଲକ୍ଷ୍ୟ କରି ହାଙ୍ଗରଟା ମାଡ଼ିଆସିଲା । ମୁଁ ସମ୍ଭାଳି ନପାରି ଭୟରେ ଚିତ୍କାର କରି ଉଠିଲି । ଜେକ୍ ଭେଳା ଉପରକୁ ପାଦଟି ଉଠାଇନେବାରେ ହାଙ୍ଗରଟା ଭେଳା ତଳେ ଚାଲିଗଲା । ଜେକ୍ ସଙ୍ଗେ ସଙ୍ଗେ ତେଣ୍ଟାଟା ହାଙ୍ଗରର ପାଟି ଭିତରେ ଜୋର୍‌ରେ ପୂରାଇଦେଲା । ଭେଳାଟି ଲେଉଟି ପଡ଼ିଲା ଓ ଆମେ ପାଣି ଭିତରେ ପଡ଼ିଗଲୁ ।

ଜେକ୍ ନିର୍ଦ୍ଦେଶ ଦେଲା— ଜୋର୍‌ରେ ପହଁରିଚାଲ । ପିଟରକିନ୍, ମୋ କମିଜଟା ଧରି ପହଁର ।

କିଛି ସମୟ ଭିତରେ ଆମେ କୂଳରେ ନିରାପଦରେ ପହଞ୍ଚିଗଲୁ ।

× × × ×

କୂଳ ଉପରକୁ ଉଠିଆସି ପିଟରକିନ୍ ଦମ୍ ନେଇ କହିଲା— ବାପ୍‌ରେ, ବଞ୍ଚିଗଲେ ! ତମେ କେଜାଣି କେତେଥର ଆଗରୁ ଏଠି ପହଁରିଛ ? ନା, ମୋର କପାଳ ମନ୍ଦ, ମାଛଧରା ବନ୍ଦକଲି ।''

ଜେକ୍ ଦୁଃଖରେ କହିଲା— ପ୍ରକୃତରେ ସମୁଦ୍ରରେ ପହଁରିବା ଆଉ ହୋଇପାରିବ ନାହିଁ । ଆମର ଅଧେ ଆନନ୍ଦ ତ ଏଇଠି ଚାଲିଗଲା !

ମୁଁ କହିଲି— ଆମକୁ ଏପରି ସ୍ଥାନଟିଏ ଖୋଜି ବାହାର କରିବାକୁ ହେବ, ଯେଉଁଠାରେ ପାଣିର ଗଭୀରତା ଥିବ ଅଥଚ ପ୍ରବାଳ ପ୍ରାଚୀର ସେପଟୁ କୌଣସି ବଡ଼ ଜନ୍ତୁ ଆସିବା ସମ୍ଭବ ହେବ ନାହିଁ ।

ଅନୁସନ୍ଧାନ ଚାଲିଲା । ସେଦିନ ପିଟରକିନ୍ ଓ ମୁଁ ବସି ଗପ କରୁଛୁ ଜେକ୍ କୁଆଡୁ ଓଦା ପୋଷାକରେ ଆସି କହିଲା— ଗୋଟିଏ ସ୍ଥାନ ଖୋଜି ପାଇଛି ।

ପିଟର ପଚାରିଲା— କ'ଣ ପାଇଛ ?

ଜେକ୍ କହିଲା— ଆମର ଗାଧୁଆ ଘାଟ । ଚାଲ ଦେଖିବ ।

ଆମେ ଯାଇ ଦେଖିଲୁ ସ୍ଥାନଟି ବେଶ୍ ସୁନ୍ଦର । ପରିଷ୍କାର ପାଣି । ତଳର ପ୍ରବାଳ ପର୍ଯ୍ୟନ୍ତ ସ୍ପଷ୍ଟ ଦେଖାଯାଉଛି । କୌଣସି ବଡ଼ ଜଳଜନ୍ତୁ ପକ୍ଷରେ ସେଠାକୁ

Digitized by srujanika@gmail.com

ଆସିବା ସହଜ ନୁହେଁ । ଆମ ରହଣି ଜାଗାଠାରୁ ମାତ୍ର ଦଶ ମିନିଟ୍‌ର ରାସ୍ତା । ସେଠାରେ ପାଣିରେ ବୁଡ଼ାମାରି ପାଣି ତଳର ପ୍ରବାଳଗୁଡ଼ିକ ଦେଖିଲୁ । ସେମାନଙ୍କର ଗତିବିଧି ଲକ୍ଷ୍ୟ କରିବା ପାଇଁ ଗୋଟିଏ ଉଚ୍ଚ ଭୂମିରେ ଗାତ ଖୋଳି ଓ ଲୁଣିଆ ପାଣିରେ ସେଇଟା ପୂର୍ଣ୍ଣ କରି ସେଥିରୁ କେତୋଟି ପ୍ରବାଳ ସେଠାରେ ରଖିଲୁ ।

ଦ୍ୱପଟାକୁ ବୁଲି ଦେଖିବାକୁ ଠିକ୍ କଲୁ । ପ୍ରଥମ କଥା ହେଲା ଆମ କାମରେ ଲାଗିବା ଭଳି ଏପରି କିଛି ଜିନିଷ ମିଳିବ କି ନାହିଁ ? ଦ୍ୱିତୀୟରେ ଆମର ରହଣି ସ୍ଥଳଟା ଗୋଟିଏ ଭଲ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇପାରିବ କି ନାହିଁ ? ଆମେ ଯେଉଁଠାରେ ଅଛୁ ସେଠାରେ ଯେ କିଛି ଅସୁବିଧା ଅଛି ତା' ନୁହେଁ; ତେବେ ଏହାଠାରୁ ଭଲ ଜାଗା ପାଇଲେ କ୍ଷତି କ'ଣ ? ବିପଦର ସମ୍ଭାବନା ତ ରହିଛି !

ଜେକ୍ କହିଲା— ମୁଁ ଗୋଟେ ଧନୁଶର ତିଆରିକରେ; ପକ୍ଷୀ ମାଂସ ମଧ୍ୟ ମିଳିପାରିବ ।

ପିଟରକିନ୍ କହିଲା— ତମେ ଧନୁ ତିଆରିକର, ମୁଁ ଶର ତିଆରି କରିବି । ଚଢ଼େଇ ଗୋଟେ ମାରିବାପାଇଁ କେତେ ଟେକା ମାରିଲି— ସବୁ ଫିଟିଗଲା ।

ମୁଁ କହିଲି— ତମେ ତ ମୋତେ ମାରିଥାନ୍ତ !

ପିଟର କହିଲା— ହଁ ସେ କଥା ମନେଅଛି । ତମେ କି ଚିତ୍କାର କଲ ? ଚଢ଼େଇଟାକୁ ଲକ୍ଷ୍ୟ କରିଥିଲି— ହେଲେ ତମ ଦେହରେ ଯାଇ ବାଜିଲା ।

ତା'ପରେ ଜେକ୍‌କୁ କହିଲି— ଆଚ୍ଛା ଜେକ୍, ଆସନ୍ତାକାଲି ସକାଳ ଭିତରେ ତ ତିନିଟା ଧନୁଶର ତିଆରି ହୋଇପାରିବ ନାହିଁ ! ତେବେ ଯେତେବେଳେ ତିଆରି କରିବାକୁ ଠିକ୍ କରିଛେ ଡେରିରେ ହେଲେ ମଧ୍ୟ ନିଶ୍ଚୟ କରିବା । କାଲି ସକାଳେ ତମେ ଧନୁଶର ନେଇ ବାହାର; ମୁଁ ଓ ପିଟରକିନ୍ ଦି'ଜଣ ଠେଙ୍ଗା ନେଇ ବାହାରିବୁ ।

ଜେକ୍ କହିଲା— ଠିକ୍ କହିଛ ରାଲ୍‌ଫ । ତେବେ ସଞ୍ଜ ହେବା ଆଗରୁ ଧନୁଶର ତିଆରି ହୋଇପାରିବ କି ନାହିଁ ଦେଖାଯାଉ ।

ସବୁଦିନ ଆମେ ସୂର୍ଯ୍ୟାସ୍ତ ପରେ ଶୋଇପଡୁ, ଦିନଟା ସାରା ଏଣେ ତେଣେ ବୁଲି କଟାଇଥାଉ । ସେଦିନ ଭାବିଲୁ ଏଥର ରାତିରେ କିପରି ଆଲୋକ ଜଳାଇପାରିବା ।

ପିଟରକିନ୍ କହିଲା— ଆଚ୍ଛା, ନିଆଁ ଜାଳିଲେ କାମ ଚାଲିବ ?

ଜେକ୍ କହିଲା— ତା' ଠିକ୍ । ତେବେ ଏ ଦ୍ୱୀପରେ ଏକପ୍ରକାର ବାଦାମ ମିଳେ । ଜଙ୍ଗଲୀ ଲୋକମାନେ ଏଇଆକୁ ବତି ଭାବରେ ଜଳାଇ କାମ ଚଳାନ୍ତି । ତାହାର ବ୍ୟବହାର ମୁଁ ମଧ୍ୟ ଜାଣେ ।

ପିଟର୍‌କିନ୍ ବିସ୍ମୟରେ କହିଲା— ଏଯାଏଁ ଏକଥା ତମେ କହିନ ?

Digitized by srujanika@gmail.com

ଜେକ୍— ସେ ଗଛ ମୁଁ କେବେ ଦେଖିନି । ଚିହ୍ନି ପାରିବି କି ନାହିଁ ସନ୍ଦେହ— ତେବେ ଦେଖିବାକୁ ଛୋଟ ଏବଂ ଗଛର ପତ୍ରଗୁଡ଼ିକ ଧଳା ।

ପିଟର ଖୁସିହୋଇ କହିଲା— ମୁଁ ତ ଏଭଳି ଗଛଟାଏ ଦେଖିଛି !

ଜେକ୍— କେଉଁଠି ?

ପିଟର— ଏଠାରୁ ଅଧମାଇଲିଏ ଦୂର ହେବ ।

"ଚାଲ ଚାଲ"— କହି କୋଦାଳଟା ଧରିଲା ଜେକ୍ ।

ସେଠାରେ ପହଞ୍ଚି ଜେକ୍ ପରୀକ୍ଷା କରି କହିଲା ଯେ ପ୍ରକୃତରେ ଏଇଟି ସେ ଗଛ । ସାଙ୍ଗେ ସାଙ୍ଗେ କିଛି ଫଳ ତୋଳି ପକେଟରେ ପୂରାଇନେଲୁ । ଜେକ୍ ପିଟରକିନ୍‌କୁ କହିଲା— ପିଟର, ଏଥର କେତୋଟି ନଡ଼ିଆବାହୁଙ୍ଗା କାଟି ଆଣିଲ !

ନଡ଼ିଆପତ୍ରରୁ ଖଡ଼ିକାଗୁଡ଼ିକ ବାହାରକରି ନେଇ ଆମେ ରହଣି ଜାଗାକୁ ଚାଲିଲୁ । ଜେକ୍ ନିଆଁ ଜାଳିଲା, ସେ ବାଦାମଗୁଡ଼ିକ ଟିକିଏ ସିଝାଇଦେଲା । ତା'ପରେ ଖୋଳପା ଛଡ଼େଇ ମଞ୍ଜିଗୁଡ଼ିକ ବାହାର କରିଦେଲା । ଏଇ ମଞ୍ଜିଗୁଡ଼ିକୁ ଭଙ୍ଗା ପେନ୍‌ସିଲଟିରେ କଣା କରିଦେଲା ଏବଂ କଣା ଭିତରେ ନଡ଼ିଆ ଖଡ଼ିକାଗୁଡ଼ିକ ଗେଞ୍ଜିଦେଲା । ଗୋଟିଏ ବାଦାମ ମଞ୍ଜିରେ ନିଆଁ ଧରେଇବାରେ ତାହା ଚମତ୍କାର ଆଲୋକ ଦେଇ ଜଳିବାକୁ ଲାଗିଲା । ତା' ଦେଖି ପିଟରକିନ୍‌ର କି ଫୂର୍ତ୍ତି ! ସେ ଆନନ୍ଦରେ ନାଚିଲା । ଜେକ୍ ଏଥର କାନ୍ଧରେ କୋଦାଳ ପକାଇ ଧନୁ ଓ ଠେଙ୍ଗା ପାଇଁ କାଠ କାଟିବାକୁ ଗଲା । ଆମେ ପଛରେ ଚାଲିଲୁ । କେତେଖଣ୍ଡ ଡାଳ କାଟିନେଇ ଆମେ ରହିବା ଜାଗାକୁ ଫେରି ନିଆଁ ଜାଳିଲୁ ।

ପିଟର୍‌କିନ୍ କହିଲା— ମୁଁ ଗୋଟିଏ ବର୍ଛା ତିଆରିକରିବି ।

ତାକୁ ଥଟ୍ଟାକରି ଜେକ୍ କହିଲା— ସେ ଅସ୍ତ୍ରଟା ତମ ହାତରେ ଥିଲେ ତମ ସାଙ୍ଗରେ ଆଉ କେହି ଲଢ଼ି ପାରିବେ ନାହିଁ ।

ପିଟର୍‌କିନ୍ ଯେଉଁ କାଠଟା ବର୍ଛା ତିଆରି କରିବା ପାଇଁ ଆଣିଛି ସେଇଟା ପ୍ରାୟ ବାର ଫୁଟ ଲମ୍ବ । ବେଶ୍ ଶକ୍ତ ଅଥଚ ହାଲୁକା । ଗୋଟିଏ ପାଖ ଗୋଜିଆ କରିଦେଲେ ସତରେ ବେଶ୍ ଏକ ମଜଭୁତ୍ ବର୍ଛା ହେବ ।

ଅନେକ ସମୟ ଧରି ନୀରବରେ ଯେଝା କାମରେ ଲାଗିଗଲୁ । ହଠାତ୍ ଦୂରରୁ କାନ୍ଦିବାର ଶବ୍ଦ ଶୁଭିଲା । ଆମେ ଚମକିଉଠିଲୁ । ମନେହେଲା ସମୁଦ୍ର ଆଡୁ ଶବ୍ଦଟା ଆସୁଛି । ଆମେ ବାହାରକୁ ଯାଇ କାନ ପାତିଲୁ— ଜଣାପଡୁନାହିଁ କିଏ କାନ୍ଦୁଛି !

ପିଟରକିନ୍ ଜେକ୍ ପାଖରେ ଘଷିହୋଇ ବସି କହିଲା— ଏ କି ଶବ୍ଦ ?

ଜେକ୍ କହିଲା— ମୁଁ ପୂର୍ବରୁ ଶୁଣିଛି, ମାତ୍ର କିଛି ଠଉରାଇପାରିନାହିଁ ।

Digitized by srujanika@gmail.com

ଶବ୍ଦଟା ଆଉ ଶୁଣାଗଲା ନାହିଁ । ପିଟରକିନ୍ ଗମ୍ଭୀର ହୋଇ କହିଲା– ରାଲ୍‌ଫ ତମେ ଭୂତ ବିଶ୍ୱାସ କର ?

ମୁଁ କହିଲି– ନା... ତେବେ ଏଇ ଶବ୍ଦଟା କ'ଣ ?

ରାଲ୍‌ଫ– ଜେକ୍, ତୁମେ କ'ଣ ଭାବୁଛ ?

ଜେକ୍ କହିଲା– ମୁଁ ତ ଭୂତ ବିଶ୍ୱାସ କରେନା ବା ଏଇ ଶବ୍ଦଟା ପାଇଁ ବିଚଳିତ ନୁହେଁ ।

ରାଲ୍‌ଫ କହିଲା– ମୁଁ ମୋ ଆଖିରେ ଭୂତ ଦେଖିନି । ଏପରି କି ନିଜ ଆଖିରେ ଭୂତ ଦେଖିଥିବା ଏପରି କାହାରି ସାଙ୍ଗରେ ମଧ ମୋର ଦେଖା ହୋଇନି । ଆମେ ଏହାର କାରଣ ଜାଣିନାହେଁ– ହୁଏତ ଶୀଘ୍ର ଜାଣିବା । ଭୂତ ହୋଇଥିଲେ ମୁଁ ତାକୁ...

ପିଟର୍ କହିଲା– ଦଳିଦେବ...

ଜେକ୍– ହଁ, ସେଇଆ । ମୋର ଧନୁ ଓ ଦିଓଟି ଶର ତିଆରିହୋଇଛି । ତମର କାମ ଶେଷହୋଇଥିଲେ ଯାଅ ଶୋଇପଡ଼ ।

ପିଟର୍‌କିନ୍‌ର ବର୍ଛାଟି ବେଶ୍ ଗୋଜିଆ ହୋଇଛି । ସେ ବର୍ଛାର ମୁଣ୍ଡରେ ଗୋଟିଏ ଲୁହାର ପାତ ବେଶ୍ ଭଲକରି ଲଗାଇଛି । ମୋର ଗୁଲେର୍‌ଟା ମଧ ବେଶ୍ ମଜଭୁତ ହୋଇଛି । ଜେକ୍‌ର ଧନୁଟା ପ୍ରାୟ ପାଞ୍ଚଫୁଟ ଲମ୍ବ । ଶର ଦି'ଟାରେ ପକ୍ଷୀର ପର ଲଗେଇଛି । ଜେକ୍ କହିଲା– ''ଶରରେ ଯଦି ଭଲକରି ପର ଲଗାହୁଏ ତେବେ ସେଥିରେ ଲୁହା ଦରକାର ହେବ ନାହିଁ । ଶରର ଅଗଟା ଗୋଜିଆ କଲେ ବେଶ୍ ସିଧା ଚାଲିଯାଏ ।''

ନିଜର ହତିଆରଗୁଡ଼ିକର ବ୍ୟବହାର କିଛି ସମୟ ଅଭ୍ୟାସ କରିବା ପରେ ତିନିଜଣଯାକ ଶୋଇପଡ଼ିଲୁ ।

× × × ×

ତା' ପରଦିନ ସକାଳେ ଶୀଘ୍ର ଖିଆପିଆ ସାରି ହତିଆର ଧରି ବାହାରିପଡ଼ିଲୁ । ଅଧମାଇଲିଏ ବାଟ ଚାଲିବା ପରେ ଗୋଟିଏ ପାଖରେ ପହଞ୍ଚିଲୁ । ଚାରିଆଡ଼କୁ ଅନାଇ ଚାଲିଛୁ । ସମୁଦ୍ରତୀରଠାରୁ ପଚାଶ ଫୁଟ ଦୂରରେ ଗୋଟିଏ ସ୍ଥାନକୁ ବର୍ଛାରେ ଦେଖାଇ ପିଟରକିନ୍ କହିଲା– ''ଏଇଟା କ'ଣ ଦେଖତ ?'' ସେ ବର୍ଛା ଉଠାଇଲା । ଆମେ ଦେଖିଲୁ ସ୍ଥାନଟା ଅସମତଳ । ଚାରିପଟେ ବଡ଼ ବଡ଼ ପଥର ଏବଂ ଅସଂଖ୍ୟ ଗାତ । ଜମିଟା ସନ୍ତସନ୍ତିଆ । ଏତିକିବେଳେ ଆମ ପାଖରେ ଗୋଟିଏ ସ୍ଥାନରୁ କିଛି ପାଣି ମାଟି ଉପରକୁ ଉଠି ଆସିଲା । ଆମେ ପଛକୁ ହଟିଗଲୁ । ପାଣିପଡ଼ି ପୋଷାକ ଭିଜିଗଲା । ପୁଣି ଆଉଥରେ ସେହିପରି ପାଣି ଉଠିଲା ।

Digitized by srujanika@gmail.com

ପିଟର୍‌କିନ୍ କହିଲା– ଏବେ କ'ଣ କରିବା ?

ଜେକ୍ କହିଲା– ନିଆଁ ଜାଳି ପ୍ରଥମେ ପୋଷାକ ଶୁଖାଇଦେବା ! ପୁଣି ସମୁଦ୍ରକୂଳକୁ ଗଲୁ । ସେଠାରେ ଠିଆ ହୋଇ ଲକ୍ଷ୍ୟକଲୁ ଯେ ଗୋଟାଏ ଗୋଟାଏ ପ୍ରକଣ୍ଡ ଢେଉ କୂଳରେ ଧକ୍‌କା ଦେବାରେ ଏହିଭଳି ହେଉଛି । ମନେହେଲା ସମୁଦ୍ର ତୀରର ତଳ ଦେଇ ନିଶ୍ଚୟ କୌଣସି ଯୋଗାଯୋଗ ରାସ୍ତା ରହିଛି ।

ସମୁଦ୍ର କୂଳରୁ ଆସୁଛୁ ଏତିକିବେଳେ ଜେକ୍ କହିଲା– ରାଲ୍‌ଫ, ଏଇଟା କ'ଣ ହାଙ୍ଗର୍ ?

ମୁଁ ଜେକ୍ ପାଖକୁ ଦୌଡ଼ିଗଲି । ଜେକ୍ ପରି ମୁଁ ମଧ୍ୟ ଗୋଟିଏ ପଥର ଉପରୁ ସମୁଦ୍ର ପାଣିକୁ ଝୁଙ୍କିପଡ଼ି ଦେଖିଲି ଯେ ଗାଢ଼ ସବୁଜ ରଙ୍ଗର କ'ଣଟାଏ ଶୋଇରହିଛି । ସେଟା ଟିକିଏ ହଲିଲାପରି ମନେହେଲା ।

ଜେକ୍ କହିଲା– ଶୀଘ୍ର ବର୍ଚ୍ଛାଟା ଆଣିଲ !

ପିଟରକିନ୍‌ର ବର୍ଚ୍ଛାଟା ଏତେ ତଳକୁ ପାଇଲାନାହିଁ । ଜେକ୍ ଲକ୍ଷ୍ୟ କରି ବର୍ଚ୍ଛାଟାକୁ ମାରିଲା । ବର୍ଚ୍ଛାଟା ଭିତରକୁ ଯାଇ ଫେରିଆସି ଭାସିଉଠିଲା । ସେହି ଅଦ୍ଭୁତ ପ୍ରାଣୀଟା ଠିକ୍ ଆଗଭଳି ନିର୍ବିକାର ଭାବରେ ଲାଞ୍ଜ ହଲାଉଥାଏ । କି ଆଶ୍ଚର୍ଯ୍ୟ !

ଆମେ ତିନିହେଁ ଥରକୁଥର ବହୁବାର ବର୍ଚ୍ଛାଟା ଫିଙ୍ଗି ଆଘାତ କରିବାକୁ ଚେଷ୍ଟା କଲୁ, କିନ୍ତୁ ତା'ର କିଛି ହେଲାନାହିଁ– ସେ ଚଳିଲା ନାହିଁ । ହତାଶ ହୋଇ ଆମେ ଘରକୁ ଫେରିଲୁ । ଘଟଣାଟା ରହସ୍ୟମୟ ହୋଇ ରହିଲା ।

× × × ×

ତା' ପରଦିନ ସ୍ନାନ ଓ ଆହାର ଶେଷକରି ଆମେ ପୁଣି ବାହାରିପଡ଼ିଲୁ । ମାଇଲିଏ ଅତିକ୍ରମ କରିନାହୁଁ ଏତିକିବେଳେ ହଠାତ୍ ଏକ ଭୀଷଣ ଶବ୍ଦ ଶୁଣି ଚମକି ପଡ଼ିଲୁ । ପିଟରକିନ୍‌ର ବର୍ଚ୍ଛାଟିକୁ ଧରି ଜେକ୍ କହିଲା– ଏ ପୁଣି କି ଶବ୍ଦ ? ଗତ ସପ୍ତାହଟା ଭୟରେ କଟିଗଲା । ଏପରି ହେଲେ ଚଳିବା କିପରି ?

ପିଟରକିନ୍‌ର କଥା ଶେଷ ନହେଉଣୁ ଜୋର୍‌ରେ ପୁଣି ସେଇ ଶବ୍ଦ ଶୁଣାଗଲା । ଜେକ୍ କହିଲା– ମନେହେଉଛି ପାଖରେ କୌଣସି ଦ୍ୱୀପରୁ ଏ ଶବ୍ଦଟା ଆସୁଛି ।

ଜେକ୍ କହିଲା– ନା, ନା, ମୁଁ ଭାବୁଛି ଏଇଟା ଗଧର ବୋବାଳି ।

ଆମେ ଦ୍ୱୀପଟି ଆଡ଼କୁ ଦେଖିଲୁ । ମନେହେଲା କେତେଗୁଡ଼ିଏ ଅଦ୍ଭୁତ ଜୀବ ବଡ଼ ଦ୍ୱୀପଟିରେ ବୋବାଳି ଛାଡ଼ି ବୁଲୁଛନ୍ତି ।

Digitized by srujanika@gmail.com

ପିଟରକିନ୍ କହିଲା— ଏମାନେତ ସୈନ୍ୟ ! ସୈନ୍ୟ ! ଦୂରରୁ ସେଇୟା ମନେହେଉଛି । ସମସ୍ତେ ଏକା ସାଙ୍ଗରେ ଠିଆହୋଇ ଯେମିତି ମାର୍ଚ୍ଚିଂ କରିଚାଲିଛନ୍ତି । ପିନ୍ଧିଛନ୍ତି ନେଳିଆ ଜାମା ଓ ଧଳା ଟ୍ରାଉଜର୍ ।

ପୁଣି ସେହି ଭୟଙ୍କର କାନଫଟା ଚିତ୍କାର ଶୁଭିଲା । ଜେକ୍ ଏଥର ହସି ହସି କହିଲା— ଏଗୁଡ଼ିକ ପେଙ୍ଗୁଇନ୍ ।

ପିଟର କହିଲା— ପେଙ୍ଗୁଇନ୍ ?

ଜେକ୍— ହଁ ପିଟରକିନ୍, ଏଗୁଡ଼ିକ ପେଙ୍ଗୁଇନ୍ । ଗୋଟିଏ ପ୍ରକାରର ସାମୁଦ୍ରିକ ବଡ଼ ପକ୍ଷୀ । ଡଙ୍ଗାରେ ସେଠାକୁ ଗଲେ ଦେଖିବ ।

ପିଟର— ସାମୁଦ୍ରିକ ପକ୍ଷୀ ପେଙ୍ଗୁଇନ୍‌ର ପୁଣି ଏଡ଼େ ଭୀଷଣ ଚିତ୍କାର ! ଚାଲ ଚାଲ, ଶୀଘ୍ର ଦ୍ୱୀପଟା ବୁଲି ଦେଖିବା !

ଆମେ ଆଗେଇବାକୁ ଲାଗିଲୁ । ଗୋଟିଏ ପ୍ରାଣୀର ପାଦଚିହ୍ନ ଦେଖି ଆମେ ଆଶ୍ଚର୍ଯ୍ୟ ହେଲୁ । ପ୍ରାଣୀଟା ଯେ କ'ଣ ତାହା ଭାବି ଠିକ୍ କରିପାରିଲୁନାହିଁ । ପିଟରକିନ୍ କହିଲା— ଏଗୁଡ଼ାକ କୁକୁରର ପାଦ ଚିହ୍ନ । କିନ୍ତୁ ଜେକ୍ ଓ ମୁଁ ଏଥିରେ ଏକମତ ହୋଇପାରିଲୁନାହିଁ । ସେ ପାଦଚିହ୍ନଗୁଡ଼ିକ ଅନୁସରଣ କଲୁ । ଗୋଟିଏ ଫାଙ୍କା ଜାଗାରେ ଆସି ପହଞ୍ଚିଲୁ । ହଠାତ୍ ଗୋଟିଏ ଅସ୍ପଷ୍ଟ ଶବ୍ଦ ଆମ କାନକୁ ଆସିଲା । ଆଗରେ ଦେଖିଲୁ ଯେ ଗୋଟାଏ କ'ଣ କଳାଜନ୍ତୁ ଠିଆହୋଇଛି ।

'ବଣ ବିଲେଇ'— କହି ଜେକ୍ ଧନୁରେ ଶର ଯୋଚିଲା । କିନ୍ତୁ ଶର ଜନ୍ତୁଟାର ଦେହରେ ନବାଜି ତା'ଠାରୁ ଅଧଫୁଟେ ଦୂରରେ ପଡ଼ି ମାଟିରେ ପଶିଗଲା । ବଣ ବିଲେଇଟା ଡରି ପଳାଇବ କ'ଣ, ସେ ଶରଟା ପାଖକୁ ଆସି ଶୁଙ୍ଘିଲା । ଜେକ୍ କହିଲା— ଆଶ୍ଚର୍ଯ୍ୟ ! ବର୍ଚ୍ଛା ଉଞ୍ଚାଇ ପିଟରକିନ୍ କହିଲା— ସତରେ କ'ଣ ଏଇଟା ବଣବିଲେଇ ?

ମୁଁ କହିଲି ବୋଧହୁଏ ଅନ୍ଧ ପୋଷା ବିରାଡ଼ିଟାଏ । ଦେଖୁନା, ଯାଉ ଯାଉ କେମିତି ଏ ଗଛରେ ସେ ଗଛରେ ବାଜି ଝୁଣ୍ଟିପଡୁଛି ।

ମୁଁ ତା' ଆଡ଼କୁ ଆଗେଇଗଲି । ପିଟରକିନ୍ କହିଲା— ପେନ୍‌ସନ୍ ପାଇଥିବା ବଣ ବିଲେଇ । ଦେଖିଲି କେବଳ ଅନ୍ଧ ନୁହେଁ, କାଲ ବି ।

ମୁଁ ତା'ର ପାଖକୁ ଗଲି । ଶବ୍ଦ ଶୁଣି ସ୍ୱାଭାବିକ ଭାବରେ ଲାଞ୍ଜ ଓ ଦେହ ଫୁଲାଇ ସେ ଫଁ ଫଁ ହେଲା । ପିଟରକିନ୍ ସ୍ନେହରେ ତା'ର ମୁଣ୍ଡ ଉପରେ ହାତ ବୁଲାଇଦେଲା । ଏଇଥିରେ ବିଲେଇଟି ପିଟରକିନ୍ ପାଖକୁ ଆଗେଇଗଲା ଆନନ୍ଦରେ । ପିଟରକିନ୍ ବିଲେଇଟାକୁ କୋଳକୁ ଟେକିନେଲା ।

ବିଲେଇଟିର ଆନନ୍ଦ ପ୍ରକାଶର ଅଦ୍ଭୁତ ଭଙ୍ଗୀ ଦେଖି ଆମେ ଆଶ୍ଚର୍ଯ୍ୟ ହେଲୁ । ତା'ର ଭାବଭଙ୍ଗୀ ଦେଖି ମନେହେଲା ଯେ ସେ କେବେ ନିଶ୍ଚୟ ମଣିଷ ସଂସର୍ଗରେ ଆସିଛି । ହୁଏତ ୟାକୁ କିଏ ଏଠି ଛାଡ଼ିଦେଇଯାଇଛି ।

Digitized by srujanika@gmail.com

ଆମେ ଏମିତି କଥା ହେଲାବେଳେ ଜେକ୍ ଚାରିପଟକୁ ଦେଖି ନେଇ କହିଲା— ଆଚ୍ଛା, ଏ ଜାଗାଟା କିମିତି ଫାଙ୍କା ଲାଗୁଛି ନୁହେଁ ? ଗଛର ଗଣ୍ଡିଗୁଡ଼ିକୁ ଦେଖୁଛ ! ନିଶ୍ଚୟ କିଏ କାଟିଛି ।

ପ୍ରକୃତରେ କଥାଟା ସତ । ମଣିଷର ଦେଖା ନ ମିଳିଲେ କ'ଣ ହେବ ବିଲେଇର ବହୁତ ପାଦଚିହ୍ନ ପଡ଼ିଛି । ଆମେ ଆଗେଇଲୁ । ପିଟରକିନ୍ ବିଲେଇଟାକୁ ତଳେ ଛାଡ଼ିଦେଲା; କିନ୍ତୁ ସେ ଏତେ ଦୁର୍ବଳ ହୋଇଥିଲା ଯେ, ଚାଲିନପାରିବାରୁ ପିଟର ତାକୁ ପୁଣି କୋଳକୁନେଲା । ବିଲେଇଟି ଘୁମେଇପଡ଼ିଲା ।

ଆମେ ଗୋଟିଏ ଛୋଟ ନଦୀର ପାଖଦେଇ ଚାଲିଲୁ । କ୍ରମେ ଆମର ସନ୍ଦେହ ବଢ଼ିବାକୁ ଲାଗିଲା । ଦୂରରେ ଗୋଟିଏ ସାଧାରଣ ଧରଣର କୁଡ଼ିଆ ଦେଖି ଆମେ ଚମକିପଡ଼ିଲୁ । କୁଡ଼ିଆଟି ଲମ୍ବରେ ବାରଫୁଟ, ଚଉଡ଼ାରେ ଦଶଫୁଟ ଏବଂ ଉଚ୍ଚତାରେ ଆଠଫୁଟରୁ ବେଶି ହେବନାହିଁ । ଭଙ୍ଗା, ଦଦରା । ଆମେ କୁଡ଼ିଆଭିତରକୁ ପଶିଲୁ । କାଠର ଗୋଟିଏ ଟୁଲ୍ ଓ କଳଙ୍କିଲଗା ପାତ୍ରଟିଏ ଛଡ଼ା ଆଉ କିଛି ନଥିଲା । ଦେଖିଲୁ ଘରର ଏକ କୋଣରେ ଧୂଳିରେ ଭରା ଦୁଇଟି କଙ୍କାଳ ପଡ଼ିଛି । ବଡ଼ କଙ୍କାଳଟି ମଣିଷର ଏବଂ ଅନ୍ୟଟି କୁକୁରର । କୁକୁର କଙ୍କାଳର ମୁଣ୍ଡଟି ମଣିଷ କଙ୍କାଳର ଛାତି ଉପରେ ରହିଛି । ଏହି ଦୃଶ୍ୟ ଦେଖି ଆମେ ଅତି ଦୁଃଖରେ ଚୁପ୍ ହୋଇ ରହିଲୁ ।

Digitized by srujanika@gmail.com

କାଳେ କିଛି ପରିଚୟପତ୍ର ଥିବ ବୋଲି ଖୋଜିଲୁ; କିନ୍ତୁ ଗୋଟିଏ କୁରାଢ଼ି ଛଡ଼ା ସେଠାରୁ ଆଉ କିଛି ମିଳିଲା ନାହିଁ ।

ଏବେ ଆମେ ସବୁକଥା ଅନୁମାନ କରିପାରିଲୁ । ରହସ୍ୟ ଦୂରହେଲା । ଏ ନିର୍ଜନ ଦ୍ୱୀପରେ ଆମର ଭବିଷ୍ୟତ ଯେ ଏଇଆ ନହେବ କିଏ କହିବ ? ଯଦି କୌଣସି ଜାହାଜ ଆସିବ ତେବେ ହୁଏତ ରକ୍ଷା ମିଳିବ । ଜେକ୍ ଅନୁମାନ କଲା ଯେ ଲୋକଟା କୁକୁର ଓ ବିଲେଇଟାକୁ ସାଙ୍ଗରେ ନେଇ ଜାହାଜରୁ ପଳାଇଆସିଛି । କୁକୁରଟିର ପ୍ରଭୁଭକ୍ତି ଦେଖି ଆମେ ଅବାକ୍ ହେଲୁ । ଜୀବନର ଶେଷ ପର୍ଯ୍ୟନ୍ତ ସେ ତା'ର ପ୍ରଭୁକୁ ଛାଡ଼ିନାହିଁ । ପ୍ରଭୁର ମୃତ୍ୟୁପରେ ସେ ତାଙ୍କର ମୃତଦେହରେ ମୁଣ୍ଡ ରଖି ଶେଷ ନିଃଶ୍ୱାସ ତ୍ୟାଗକରିଛି ।

ପିଟରକିନ୍ କହିଲା– "ଜେକ୍, ମୁଁ ଗୋଟିଏ ଜିନିଷ ପାଇଛି ।" ଭଙ୍ଗା କାଠଗଦା ଭିତରୁ ପିଟରକିନ୍ ଗୋଟିଏ ବହୁ ପୁରାତନ ପିସ୍ତଲ ଟାଣି ବାହାରକରି ଦେଖାଇଲା ।

ଜେକ୍ କହିଲା– ଗୁଳିତ ନାହିଁ; ଏହାଠାରୁ ଆମର ଧନୁ ଓ ଗୁଲେଲ୍‌ଟା ବେଶି ଦରକାରୀ ।

ପିଟର କହିଲା– ତା' ସତ । ଯା' ହେଉ ସଙ୍ଗରେ ନେବାରେ ଦୋଷ କ'ଣ ?

ଆମେ ଫେରିଲୁ । ପିଟରକିନ୍ ବିଲେଇଟାକୁ ଆଣିଲା । ସେ କୁଡ଼ିଆ ଭିତରୁ ପଦାକୁ ବାହାରୁ ବାହାରୁ ଜେକ୍ ଚଉକାଠରେ ଏପରି ଝୁଣ୍ଟିପଡ଼ିଲା ଯେ କୁଡ଼ିଆଟା ଥରିଉଠିଲା । ଜେକ୍ କୁରାଢ଼ିରେ ଦି' ପାହାର ହେବାରୁ ସାରା କୁଡ଼ିଆଟା ଭାଙ୍ଗିପଡ଼ିଲା । ସେ ହତଭାଗ୍ୟ ମୃତବ୍ୟକ୍ତି ଓ ତା'ର କୁକୁରର କଙ୍କାଳଟି ସମାଧି ପାଇଗଲା । ପିସ୍ତଲ ଓ କୁରାଢ଼ି ନେଇ ଆମେ ଆମ ବାସସ୍ଥାନକୁ ଫେରିଗଲୁ ।

× × × ×

ଏହାପରେ ପ୍ରାୟ ତିନି ସପ୍ତାହ କଟିଗଲା । ଦିନେ ସମୁଦ୍ର ତୀରରେ ବୁଲୁ ବୁଲୁ ଦେଖିଲୁ ଯେ ଗୋଟିଏ ଛୋଟ କଙ୍କଡ଼ାର ଶକ୍ତ ପିଠି ହଠାତ୍ ଖୋଲିଗଲା ଏବଂ କିଛିଟା ମାଂସପିଣ୍ଡ ଏହି ଫାଙ୍କ ଦେଇ ପଦାକୁ ବାହାରିଆସିଲା । ଆସ୍ତେ ଆସ୍ତେ ସେଇଟି ବଡ଼ହେଲା ଏବଂ କେତେ ମିନିଟ୍ ଭିତରେ ଦେଖାଗଲା ସେ ମାଂସପିଣ୍ଡରୁ କେତେଟା ପାଦ ବାହାରି ଆସୁଛି । ଟିକିଏ ପରେ ବାକି ଶରୀରଟା ସେହି ମାଂସପିଣ୍ଡରୁ ବାହାରିଆସି ବେଶ୍ ଚାଲିଲାବୁଲିଲା ଓ ଖୋଳପାଟା ପଡ଼ିରହିଲା । ମନେହେଲା ଗୋଟାଏ କଙ୍କଡ଼ା ଯେପରି ଦୁଇଟା ହେଉଛି । ଆମେ ଏ ଅଦ୍ଭୁତ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହେଲୁ ।

Digitized by srujanika@gmail.com

ଦେଖି ଆହୁରି ଅଧିକ ଆଶ୍ଚର୍ଯ୍ୟ ହେଲୁ ଯେ ପୁରୁଣା କଙ୍କଡ଼ାଠାରୁ ଏ ଦୁଇ ନମ୍ବର କଙ୍କଡ଼ାଟି ବେଶ୍ ବଡ଼ ଓ ନରମ । ତା ପରଦିନକୁ ଏଇଟି କିପରି ହେବ ଲକ୍ଷ୍ୟ କରିବା ପାଇଁ ଆମେ ତା'ର ଚାରିପଟେ ବେଶ୍ ପଥର ଘେର୍ ଦେଇ ଉଚ୍ଚକରିଦେଲୁ । ତା'ପରେ ବାଲିଖୋଳି ଗୋଟିଏ ଗାତ କରିଦେଲୁ । କଙ୍କଡ଼ାଟି ତା' ଭିତରେ ରହିଲା । ତା' ପରଦିନ ଦେଖିଲୁ ସେହି କଙ୍କଡ଼ାର ପିଠିଟା ବେଶ୍ ଟାଣ ହୋଇଛି । ପରେ ବୁଝିଲୁ ଯେ କଙ୍କଡ଼ାଗୁଡ଼ିକ ଏମିତି ବଢ଼ିଥା'ନ୍ତି ।

ପିଟରକିନ୍ ଜେକ୍‌କୁ କହିଲା— ସବୁଦିନ ତ ଡଙ୍ଗା ତିଆରିରେ ଲାଗିଛେ— ଆଜି ଗୋଟିଏ କିଛି ନୂଆ କାମ କରାଯାଉ ।

ଜେକ୍— ତେବେ ଚାଲ ସେଇ ଝରଣା ପାଖକୁ । ହାଙ୍ଗର୍ ଭଳି କ'ଣ ଗୋଟାଏ ସେଠାରେ ଦେଖିନଥିଲେ ?

ଆମେ ତିନିହେଁ ନିଜନିଜର ହତିଆର ଧରି ଝରଣା ନିକଟକୁ ଚାଲିଲୁ । ପୂର୍ବଭଳି ପଥର ଉପରେ ପେଟେଇପଡ଼ି ଦେଖିଲୁ ଯେ ଆଗଭଳି ସେଇ ଜନ୍ତୁଟି ଧୀରେ ଧୀରେ ଲାଞ୍ଜ ହଲାଉଛି । ଜେକ୍ କହିଲା— ଆଶ୍ଚର୍ଯ୍ୟ ! ପିଟରକିନ୍ କହିଲା— ଜେକ୍, ବର୍ଚ୍ଛାଟା ମୋତେ ଦିଅ । ମୋ ହାତରେ ବର୍ଚ୍ଛାଟା ଠିକ୍ କାମ ଦେବ ।

ପିଟରକିନ୍ ଜନ୍ତୁଟାକୁ ଲକ୍ଷ୍ୟକରି ବର୍ଚ୍ଛାଟା ଜୋର୍‌ରେ ଫିଙ୍ଗିଲା । ମାତ୍ର ପୂର୍ବଭଳି ବର୍ଚ୍ଛାଟା ଭାସିଉଠିଲା । ପିଟର କହିଲା— କ'ଣ ଏହାର ଛାତି ନାହିଁ ?

ଜେକ୍ ହସି କହିଲା— ଏଇଟା ଫସ୍‌ଫରସ୍ !

ମୁଁ କହିଲି— ବେଶ୍, ବୁଡ଼ିଲେ ତ ଜଣାପଡ଼ିଯିବ ।

ଜେକ୍ କହିଲା— ''ତମଠାରୁ ମୁଁ ଭଲ ବୁଡ଼ାଳି, ମୁଁ ପ୍ରଥମେ ଯାଉଚି ।'' ଏହା କହୁ କହୁ ସେ ପାଣିକୁ ଲମ୍ଫଦେଲା । ଜେକ୍ ଡେଇଁପଡ଼ିବାର ଟିକକ ପରେ ପାଣି ସ୍ଥିର ହେଲା । ଦେଖାଗଲା ଯେ ଜେକ୍ ସେଇ ଅଦ୍ଭୁତ ଜିନିଷଟାର ଭିତର ଦେଇ ପହଁରିଯାଉଛି । ହଠାତ୍ ସେ ଆଉ ଦେଖାଗଲାନାହିଁ । ଦୁଇ ମିନିଟ୍ ବିତିଗଲା— ତଥାପି ଜେକ୍‌ର ଦେଖାନାହିଁ । ଅଜଣା ଏକ ଆତଙ୍କରେ ମୋର ଓ ପିଟରର ମନ ଦବିଗଲା । ମୁଁ ଭୟାର୍ତ୍ତ କଣ୍ଠରେ କହିଲି— ପିଟରକିନ୍, ଜେକ୍‌ର ନିଶ୍ଚୟ କ'ଣ ହୋଇଛି । ତିନି ମିନିଟ୍‌ରୁ ଅଧିକ ହେଲାଣି ।

ପିଟରକିନ୍ ଦୁଃଖରେ କହିଉଠିଲା— ହାୟ ଜେକ୍, ତୁମେ ଗଲ କୁଆଡ଼େ ! ରାଲ୍‌ଫ,' ଜେକ୍ ନିଶ୍ଚୟ ହାଙ୍ଗର ମୁହଁରେ ପଡ଼ିଛି । ଯଦି ଜେକ୍ ଅଜ୍ଞାନ ହୋଇ ପଡ଼ିଥାଏ ? ରାଲଫ, ତୁମେ ଯାଅ ଯାଅ, ପାଞ୍ଚମିନିଟ୍ ହୋଇଗଲାଣି ।

ମୁଁ ପାଣିକୁ ଡେଇଁପଡ଼ିବାକୁ ଯାଉଛି, ଜେକ୍‌ର ମୁଣ୍ଡଟା ଭାସିଉଠିଲା । ହାତ ବଢ଼ାଇ ତାକୁ ଉପରକୁ ଟାଣିନେଲି । ପିଟରକିନ୍ କାନ୍ଦି କାନ୍ଦି ଜେକ୍‌ର ବେକଟାକୁ

Digitized by srujanika@gmail.com

କୁଣ୍ଢାଇଧରି କହିଉଠିଲା– ଜେକ୍, ଏତେବେଳଯାଏଁ କୁଆଡ଼େ ଥିଲ ? ଏତେ ସମୟ କୁଆଡ଼େ ଗଲ ?

ଜେକ୍ କହିଲା– ଏ ଯେଉଁ ଜିନିଷଟା ଦିଶୁଛି ଏଇଟା ଜନ୍ତୁନୁହେଁ, ପାହାଡ଼ର ଗୁହା ଭିତ୍ରରୁ ବାହାରି ଆସୁଥିବା ଆଲୋକ ମାତ୍ର । ପାଣିକୁ ଡେଇଁବାର ପର୍ ମୁହୂର୍ତ୍ତରେ ବୁଝିପାରିଲି ଯେ ଆମେ ବର୍ତ୍ତମାନ ଯେଉଁଠାରେ ବସିଛେ ଆଲୋକଟା ତା'ରି ତଳୁ ଆସୁଛି । ମୁଁ ପହଁରି ପହଁରି ସେ ଆଡ଼କୁ ଆଗେଇଗଲି । ଚାରିପଟେ ଏତେ ଅନ୍ଧାର ଯେ ପ୍ରଥମେ କିଛି ଦେଖିପାରିଲିନାହିଁ । ପରେ ବୁଝିଲି ଯେ ମୁଁ ଏକ ବିରାଟ ଗୁହା ଭିତରେ ଅଛି । ମଥା ଉପରର ଛାତଟା ସ୍ପଷ୍ଟ ଜଣାଗଲା । ଗୁହାର ଅପରଦିଗଟା ଥିଲା ଭୀଷଣ ଅନ୍ଧକାର । ହଠାତ୍ ମନେପଡ଼ିଲା ଯେ ତମେ ସବୁ ମୋ ପାଇଁ ବ୍ୟସ୍ତ ହେଉଥିବ, ତେଣୁ ସାଙ୍ଗେ ସାଙ୍ଗେ ଫେରିଆସିଲି ।

ଜେକ୍‌ର କାହାଣି ଶେଷହେଲା । ମୁଁ ମଧ ବୁଡ଼ିକରି ସବୁ ଦେଖିଆସିଲି । ଆମେ ଆମର ଅନୁଭୂତି ବର୍ଣ୍ଣନା କରିବା ପରେ ପିଟରକିନ୍ ମୁହଁ ଶୁଖାଇ କହିଲା– ତମେ ଦୁହେଁ ଯାଇ ସବୁ ଦେଖିଆସିଲ ।

ମୁଁ କହିଲି– ତମେ ଗଲେ ଦେଖନ୍ତ ନିଶ୍ଚୟ !

ପିଟରକିନ୍ କିନ୍ତୁ ଯିବାକୁ ରାଜିହେଲାନାହିଁ ।

× × × ×

ଏହା ପରେ ଜେକ୍ ଡଙ୍ଗା ତିଆରି କରିବାରେ ଲାଗିପଡ଼ିଲା । ଯନ୍ତ୍ରପାତି ବୋଲି ଆମ ପାଖରେ କୁରାଢ଼ିଟିଏ, ବଡ଼ ଛୁଞ୍ଚଟାଏ ଏବଂ ଗୋଟିଏ ଭଙ୍ଗା ଛୁରୀ ଥିଲା । ଏହା ସାହାଯ୍ୟରେ ଡଙ୍ଗା ତିଆରିକରିବା ଯେ କେତେ କଷ୍ଟ କାମ, ଯେ ଡଙ୍ଗା ତିଆରି କରିଛି ସେହି କେବଳ ଜାଣେ । ଜେକ୍ ଏଇଥିରେ ମନ ସ୍ଥିରକରି କାମରେ ଲାଗିପଡ଼ିଛି । ପିଟରକିନ୍ ଓ ମୁଁ ସାଧମତେ ସାହାଯ୍ୟ କରୁଛୁ । କିନ୍ତୁ ଆମର ସାହାଯ୍ୟ ତା'ର ବିଶେଷ ପ୍ରୟୋଜନ ନଥିଲା ।

ଦିନେ ମୁଁ ଓ ପିଟରକିନ୍ ବସି ଗପ କରୁଛୁ ଏତିକିବେଳେ ଜେକ୍ କୁରାଢ଼ିଟି କାନ୍ଧରେ ପକାଇ ଆସି କହିଲା– "ଡଙ୍ଗା ତିଆରି ଶେଷହେଲା । ଏଥର ଦି'ଟା ଆହୁଲା କରିଦେଲେ କାମ ଶେଷ ।"

ପିଟରକିନ୍ କହିଲା– ତେବେ ଚିନ୍ତା କ'ଣ ? କାଲି ଭୋରରୁ ବାହାରିପଡ଼ିଲେ ଚଳିବ । କ'ଣ ଜେକ୍ ?

ଜେକ୍– ନିଶ୍ଚୟ । ଆଜି ରାତି ଭିତରେ ଆହୁଲା ଦୁଇଟା ତିଆରିକରିନେଲେ ହେଲା । ଅନେକ ସମୟ କଠିନ ପରିଶ୍ରମ କରି ଜେକ୍ ଓ ମୁଁ ଚାରିଟା ମଜଭୁତ୍

Digitized by srujanika@gmail.com

ଆହୁଲା କରି କୁଡ଼ିଆଆଡ଼କୁ ଚାଲିଲୁ । ସୂର୍ଯ୍ୟ ସେତେବେଳେ ଅସ୍ତ ହୋଇନଥିଲେ । ଆମେ ଦୂରରୁ ପିଟରକିନ୍‌ର ପାଟି ଶୁଣିଲୁ, କାହା ସାଙ୍ଗରେ ସେ କଥା ହେଉଛି ।

ମୁଁ ଆଗେଇଯାଇ ଉଙ୍କି ମାରି ଦେଖିଲି ଯେ ଯେଉଁ କାଠଟିକୁ ଆମେ ଟେବୁଲ କାମରେ ଲଗାଉ ତା'ରି ଉପରେ ବସିଛି କଳା ବିଲେଇଟା । ପିଟର ଦି'ପଟକୁ ଗୋଡ଼ ମେଲେଇ ମୁହାଁମୁହିଁ ବିଲେଇ ଆଗରେ ବସିଛି । ଚାରିଇଞ୍ଚ ମାତ୍ର ତଫାତ୍ । ସେ ବିରାଡ଼ିଟାକୁ କହୁଥାଏ "ଆରେ ଏ, ମୁଁ କ'ଣ କହୁଛି ଶୁଣୁଚୁ । ତୋତେ ମୁଁ ଭଲପାଏ— ସତରେ ଭଲପାଏ । ତୁ ମତେ ଭଲପାଉନା ?" କାତର ଅନୁନୟରେ ବିଲେଇଟା କହିଲା— ମ୍ୟାଉଁ । ବିଲେଇଟାକୁ ଏକ ଚୁମା ଦେଇ ସେ କହିଲା— ତୁ ବଡ଼ ବଦମାସ । ମୁଁ ସତରେ ତୋତେ ଭଲପାଏ । ତୋର ସେବା କରିବାକୁ ପଡ଼େ । ତୁ ଯେପରି ନ ମରିବୁ ସେଥିପାଇଁ ମୋତେ କେତେ ଭାବିବାକୁ ପଡ଼େ ଜାଣିଛୁ ?

Digitized by srujanika@gmail.com

ବିଲେଇ ପୁଣି କହିଲା— ମ୍ୟାଉଁ । ପିଟର କହିଲା— ଠିକ୍ କହିଛୁ । ମୁଁ କଥା ଶେଷ ନକରିବା ପୂର୍ବରୁ ତୁ ଯେମିତି ସୁନାପିଲା ପରି ଚୁପ୍‌ଚାପ୍ ରହିବୁ । ମୁଁ କାହିଁକି ତୋତେ ଭଲପାଏ ଜାଣିଛୁ— ଡାକିବା ମାତ୍ରକେ ତୁ ଆସିଲୁ । ବେଶ୍ ସାହସର କାମ କରିଛୁ । ମୁଁ ଖୁବ୍ ଖୁସିଅଛି । ମୁଁ ତୋତେ ଭଲପାଏ ।

ତା'ପରେ କିଛି ସମୟ କଟିଗଲା । ବିଲେଇଟା ସେମିତି ବସିଛି । ପିଟରକିନ୍ କ'ଣ ଭାବିଲା । ତା'ପରେ ତା'ଆଡ଼କୁ ଅନାଇ କହିଲା— ଆରେ, କ'ଣ ଭାବୁଛୁ ? କଥା କହିବୁ ନାହିଁ ? ଦେଖତ, ଜେକ୍ ଓ ରାଲ୍‌ଫ ଦି'ଟା କି ବଦ୍‌ମାସ୍ ! ଖାଇବା ସମୟ ହେଲାଣି ଦେଖାନାହିଁ ।

ବିଲେଇଟା ହାଇମାରି ଉଠି ଠିଆହେଲା ଓ ପିଟରକିନ୍ ପାଖକୁ ଯାଇ ତା' ନାକକୁ ଚାଟିଦେଲା । ପିଟରକିନ୍ କହିଲା— ବେଶ୍ ବେଶ୍ ! ତେବେ ତୁ ମୋ କଥା ବେଶ୍ ବୁଝିପାରୁ— ନୁହେଁ ?

ଜେକ୍ ହସ ଚାପିନପାରି ଜୋର୍‌ରେ ହସିଉଠିଲା । ବିଲେଇଟା ପଳାଇଗଲା । ପିଟରକିନ୍ ଡେଇଁପଡ଼ି କହିଲା— ଇମିତି ଭୟ ଦେଖାଇଲେ ଚଳିବ ?

ଜେକ୍ କହିଲା— କ'ଣ କରିବି, ଖାଇବା ସମୟ ହେଲାଣି । ତୁମକୁ ଆଉ ତୁମ ବିରାଡ଼ିକୁ ଭୋକଲାଗିବଣି ।

ପିଟରକିନ୍ କଥାଟା ହସରେ ଉଡ଼ାଇଦେଇ ନପାରି ଆମ ନିକଟରେ ଧରାପଡ଼ିଯିବାରେ ଅତ୍ୟନ୍ତ ଅପ୍ରସ୍ତୁତ ହେଲା । ଆମେ ସେ କଥା ପକାଇ ଆଉ ତାକୁ ଲାଜରା କଲୁନାହିଁ ।

× × × ×

ତା' ପରଦିନ ଆମେ ଡଙ୍ଗାରେ ଚଢ଼ି ପେଙ୍ଗୁଇନ୍ ଦ୍ୱୀପ ଅଭିମୁଖେ ଯାତ୍ରାକଲୁ । ପ୍ରବାଳ ପ୍ରାଚୀରକୁ ଡେଇଁ ଆସୁଥିବା ବଡ଼ ବଡ଼ ଢେଉଗୁଡ଼ିକଠାରୁ ଡଙ୍ଗାକୁ ରକ୍ଷାକରି ଆଗେଇଯିବାକୁ ପଡ଼ିଲା । ଏତେ ସତର୍କତା ସତ୍ତ୍ୱେ ଡଙ୍ଗାରେ ପାଣି ପଶିଗଲା । ଯାହାହେଉ କୌଣସି ପ୍ରକାରେ ବଡ଼ ଢେଉଗୁଡ଼ିକୁ ଅତିକ୍ରମ କରିବା ପରେ ଆଉ କିଛି ଅସୁବିଧା ହେଲାନାହିଁ । ସମୁଦ୍ର ବର୍ତ୍ତମାନ ଶାନ୍ତ—ଡଙ୍ଗା ଆଗେଇ ଚାଲିଛି । କୋଡ଼ିଏ ମାଇଲ ରାସ୍ତା ।

ଜେକ୍ କହିଲା— ପବନ ଥିଲେ ଭଲହୋଇଥାନ୍ତା !

ଆହୁଲାଟି ରଖିଦେଇ ପିଟରକିନ୍ କହିଲା— ସତରେ ଆହୁଲା ମାରିବା ବଡ଼ କଷ୍ଟକାମ । ଶହେ ଦି'ଶହ ସାମୁଦ୍ରିକ ଚଢ଼େଇଙ୍କୁ ଧରି ଯଦି ଏକ ବଡ଼ ଦଉଡ଼ିରେ

Digitized by srujanika@gmail.com

ଡଙ୍ଗା ସାଙ୍ଗରେ ବାନ୍ଧି ଇଚ୍ଛାନୁସାରେ ଚଳାଇପାରନ୍ତି, ତେବେ ବେଶ୍ ଚମତ୍କାର ହୁଅନ୍ତା ।

ଜେକ୍ କହିଲା— ଗୋଟାଏ ହାଙ୍ଗର ଲାଞ୍ଜରେ ଡଙ୍ଗାଟା ବାନ୍ଧିଦେଲେ ତ ବେଶ୍ ହୁଅନ୍ତା— କ'ଣ କହୁଁଛ ? ସେ କଥା ଥାଉ— ଏଇ ଦେଖ ପବନ ବହିଲାଣି । ଆହୁଲା ଉଠାଇନିଅ ପିଟରକିନ୍ । ରାଲ୍ଫ, ମାସ୍ତୁଲଟା ଉଠାଅ— ମୁଁ ପାଲ ବାନ୍ଧିବି । ଝଡ଼ ଉଠିପାରେ ।

ଜେକ୍‌ର କଥା ଶେଷନହେଉଣୁ ଗୋଟିଏ ଘନ ନୀଳରେଖା ଦିଗନ୍ତରେ ଫୁଟି ଉଠିଲା । ଦେଖୁ ଦେଖୁ ଝଡ଼ ଦେଖାଗଲା । କ୍ରମେ ଝଡ଼ର ପ୍ରକୋପ କମିଗଲା ଏବଂ ଆମେ ପାଲ ଉଠାଇ ଆନନ୍ଦରେ ଗନ୍ତବ୍ୟ ସ୍ଥାନ ଆଡ଼କୁ ଆଗେଇଗଲୁ । କିଛି ଦୂର ଯିବାପରେ ପବନର ବେଗ କମିଯିବାରୁ ଆମେ ପୁଣି ଆହୁଲା ଧରିଲୁ । ଆଉ ମାତ୍ର ମାଇଲିଏ ବାଟ ।



ପିଟର୍‌କିନ୍ କହିଲା— ପେଙ୍ଗୁଇନ୍‌ମାନେ କ'ଣ ବନ୍ଧୁଭାବରେ ଆମକୁ ଗ୍ରହଣ କରିବେ ?

ଜେକ୍ କହିଲା— କଥା ନକହି କାମ କର । ସେଠାକୁ ଗଲେ ବୁଝିବ ।

ଦ୍ୱୀପ ପାଖକୁ ଯାଇ ପେଙ୍ଗୁଇନ୍‌ମାନଙ୍କର କିମ୍ଭୂତ ଚାଲିଚଳନ ଦେଖି ଆମେ ନ ହସି ରହିପାରିଲୁ ନାହିଁ । ସେଗୁଡ଼ିକ ଗୋଟିଏ ଜାତିର ବୋଲି ମନେହେଲାନାହିଁ ।

Digitized by srujanika@gmail.com

କାହା ମୁଣ୍ଡରେ ପଗଡ଼ି ପରି ରହିଛି ତ କାହା ମୁଣ୍ଡଟି ସାଧାରଣ ପକ୍ଷୀ ପରି । କେତେକଙ୍କର ଆକୃତି ସାଧାରଣ ପାତିହଂସ ପରି ତ କେତେକ ରାଜହଂସ ପରି । ଗୋଟିଏ ବଡ଼ ଏଲବାଟ୍ରସ ପେଙ୍ଗୁଇନ୍‌ମାନଙ୍କ ଉପରେ ଉଡୁଛି– ପଛରେ ଅଗଣିତ ସି-ଗଲ୍ ଚଢ଼େଇ ।

ପେଙ୍ଗୁଇନ୍ ଆମ ଆଡ଼କୁ ଅନାଇରହିଲେ । ଏଗୁଡ଼ିକର ପାଦ ଛୋଟ । ତା'ରି ଉପରେ ସଳଖ ହୋଇ ଠିଆହେଲେ ଦୂରକୁ ସୈନିକ ଭଳି ଦିଶନ୍ତି । ମୁଣ୍ଡଟି କଳା । ଛୁଞ୍ଚିଭଳି ଥଣ୍ଟ । ଛାତିଟା ଧଳା ଏବଂ ପିଠିଟା ନେଳିଆ । ଡେଣାଗୁଡ଼ିକ ବଡ଼ ଛୋଟ । ପାଣିରେ ପହଁରିଲାବେଳେ ଡେଣା ଦିଓଟିକୁ ମାଛପରି ବ୍ୟବହାର କରନ୍ତି । ପାଦ ଦିଓଟି ଦେହର ଏତେ ପଛରେ ଯେ ଠିଆହେବାକୁ ହେଲେ ସେମାନଙ୍କୁ ସଳଖ ହୋଇ ଠିଆହେବାକୁ ପଡ଼େ । ସେମାନଙ୍କ ଭିତରେ ଚତୁଷ୍ପଦ ପ୍ରାଣୀ ମଧ୍ୟ ଅଛନ୍ତି– ଚିତ୍କାର କରୁଛନ୍ତି ।

ପିଟରକିନ୍ କହିଲା– ରହ, ଟିକିଏ ଦେଖିବା ଏଗୁଡ଼ାକୁ । ଆଶ୍ଚର୍ଯ୍ୟ ହୋଇ ଦେଖିଲୁ ଯେ ସେଗୁଡ଼ିକ ମଧ୍ୟ ପେଙ୍ଗୁଇନ୍ । ଦି'ଡେଣା ଉପରେ ଭରାଦେଇ ଚତୁଷ୍ପଦ ଭଳି ବୁଲୁଛନ୍ତି । ଗୋଟାଏ ବଡ଼ ବୁଢ଼ା ପେଙ୍ଗୁଇନ୍ ଆମ ଆଡ଼କୁ ଆଶ୍ଚର୍ଯ୍ୟ ହୋଇ ଅନାଇଲା, ତା'ପରେ ସମୁଦ୍ରକୁ ଲମ୍ଫଦେଲା, ବୁଡ଼ିଲା ଉଠିଲା ପାଣିରେ । ମାଛ ପାଇଁ ହୁଏତ ଏହା ସମ୍ଭବ, କିନ୍ତୁ ପକ୍ଷୀଟାଏ ଯେ ଏପରି କରିପାରିବ ତାହା ଆମର କଳ୍ପନା ବାହାରେ ।

ଗୋଟାଏ ପେଙ୍ଗୁଇନ୍‌କୁ ଦେଖିଲୁ ଯେ ତା'ର ଲାଞ୍ଜ ତଳେ ଗୋଟାଏ ଅଣ୍ଡା ନେଇ ସେ ସମୁଦ୍ର ତୀରରେ ଆଗେଇଯାଉଛି । ଏମିତି ଅନେକ ଜୀବ ଦେଖି ଜାଣିପାରିଲୁ ଯେ ଏଗୁଡ଼ିକ ମଧ୍ୟ ଏକ ପ୍ରକାର ପେଙ୍ଗୁଇନ୍ । ଏମାନେ ଲାଞ୍ଜ ଓ ପାଦ ଭିତରର ମଝି ଜାଗାରେ ଡିମ୍ବ ବୋହିନେଇଥାନ୍ତି । ପିଲାଙ୍କୁ ଖୁଆନ୍ତି ବେଶ୍ । ଦେଖିଲୁ ଯେ ଗୋଟିଏ ମା ପେଙ୍ଗୁଇନ୍ ତା' ପିଲାଙ୍କୁ ପାଣିରେ ପହଁରିବାକୁ ନିର୍ଦ୍ଦେଶଦେଲା– ଗୋଟିଏ ଛୁଆ ନାରାଜ ହେବାରୁ ତାକୁ ପଛରୁ ଠେଲି ଠେଲି ପାଣିରେ ଓହ୍ଲାଇଦେଲା । ଛୁଆଟା ପାଣିରେ ପଡ଼ି ଛଟପଟହେଲା । ପେଙ୍ଗୁଇନ୍‌ମାନେ ତାଙ୍କ ପିଲାଙ୍କୁ ଇମିତି ପହଁରା ଶିଖାନ୍ତି ।

ଆଉ ଏକ ଅଦ୍ଭୁତ ଦୃଶ୍ୟ ଦେଖି ନହସି ରହିପାରିଲୁ ନାହିଁ । ବାରଟା ପେଙ୍ଗୁଇନ୍ ଅଦ୍ଭୁତ ଭାବରେ ଡେଇଁ ଡେଇଁ ସମୁଦ୍ର ତଳକୁ ଗଲାବେଳକୁ କିଏ ଗଡ଼ି ଗଡ଼ି ଗଲା ତ କିଏ ମାଙ୍କଡ଼ପରି ଚିତ୍ ମାରି ମାରି ଗଲା– ପାଣିରେ ପଡ଼ି ନିଜକୁ ସମ୍ଭାଳିଲେ ।

ପିଟରକିନ୍ ଗମ୍ଭୀର ହୋଇ କହିଲା– ମୋର କ'ଣ ମନେହୁଏ ଜାଣ– ଏ ପକ୍ଷୀଗୁଡ଼ାକ ପାଗଳ । ଏ ଦ୍ୱୀପଟାରେ ଭୂତ ଘର କରିଛି । ଚାଲ ଏଠାରୁ ପଳାଇବା ।

Digitized by srujanika@gmail.com

ଜେକ୍ କହିଲା– ନା, ଆମେ ଦ୍ୱୀପରେ ଓହ୍ଲାଇବା ।

ଦ୍ୱୀପରେ ପହଞ୍ଚି ଗୋଟିଏ ଢିପର ଆଢୁଆଳରେ ଡଙ୍ଗାରଖି ଆମେ ଦ୍ୱୀପରେ ଓହ୍ଲାଇଲୁ । ଠେଙ୍ଗାଟିମାନ ସାଙ୍ଗରେ ନେବାକୁ ଭୁଲିଲୁ ନାହିଁ । ଆଶ୍ଚର୍ଯ୍ୟ, ଆକ୍ରମଣ ତ ଦୂରର କଥା, ଆମେ ପାଖକୁ ଯିବାରେ ସେମାନେ କିଛି କଲେ ନାହିଁ । ସେମାନଙ୍କ ଦେହରେ ହାତ ଦେଇ ସାଉଁଳେଇଲୁ । ସେମାନେ ମୁହଁ ଫେରାଇ ଆମକୁ ବିସ୍ମିତ ହୋଇ ଅନାଇଲେ ।

ପ୍ରାୟ ତିନିଘଣ୍ଟା ଧରି ଏହି ଅଦ୍ଭୁତ ପକ୍ଷୀଗୁଡ଼ିକର ଚାଲିଚଳନ ଲକ୍ଷ୍ୟ କରି ଫେରିଲୁ । ସତରେ ଜୀବଜଗତର ସର୍ବଶ୍ରେଷ୍ଠ ବିସ୍ମୟ ଏହି ପେଙ୍ଗୁଇନ୍ ପକ୍ଷୀ !

× × × ×

ଦିନେ ଜେକ୍ ଓ ମୁଁ ମାଛ ଧରିବାକୁ ଯିବୁ ବୋଲି ପ୍ରସ୍ତୁତ ହେଉଛୁ । ପିଟରକିନ୍ ଗୋଟିଏ ଢିପ ଉପରେ ବସି ଖରା ପୋହୁଁଛି । ଏତିକିବେଳେ ହଠାତ୍ ତା'ର ଚିତ୍କାର ଶୁଣି ଆମେ ଚମକିଉଠିଲୁ । ସେ କହୁଥିଲା ''ଜେକ୍, ରାଲ୍ଫ, ଜାହାଜର ପାଲ ହେଇ ଦେଖ ।''

ଜେକ୍ ସମୁଦ୍ରକୁ ଚାହିଁ ଉତ୍ତେଜିତ ଗଳାରେ କହିଲା– ସତେତ !

ସେତେବେଳେ ଆମ ମନର ଅବସ୍ଥା କଥାରେ ପ୍ରକାଶ କରିବା ଅସମ୍ଭବ । ଜାହାଜଟା ଯଦି ଆମ ଦ୍ୱୀପରେ ଆସି ରହେ ତେବେ କପ୍ତାନ୍ ଆମକୁ ନେବାକୁ ନିଶ୍ଚୟ ରାଜିହେବେ । ତା'ପରେ କୌଣସି ସଭ୍ୟ ଦେଶକୁ ଗଲେ ସେଠାରୁ ଘରକୁ ଯାଇ ହେବ । ଘର କଥା ମନେପଡ଼ି ମନ ବ୍ୟାକୁଳ ହୋଇଉଠିଲା । ଆମେ କୁଟୀର ପାଖରେ ଥିବା ଏକ ଉଚ୍ଚ କୁଦ ଉପରକୁ ଉଠିଯାଇ ଉଦ୍‌ବେଳିତ ହୃଦୟରେ ଜାହାଜ ଅପେକ୍ଷାରେ ରହିଲୁ । ଜାହାଜଟା ଆମ ଦ୍ୱୀପ ଆଡ଼କୁ ଆସୁଛି ।

ଆମେ କମିଜ ଖୋଲି ହାତରେ ଧରି ହଲାଇଲୁ ଜାହାଜଟିର ଦୃଷ୍ଟି ଆକର୍ଷଣ କରିବାପାଇଁ । ପ୍ରବାଳ ପ୍ରାଚୀର ନିକଟରେ ଜାହାଜଟି ରହିଲା । ତା'ପରେ ଗୋଟିଏ ଡଙ୍ଗା ଓହ୍ଲାଇଦିଆଗଲା । ଆମେ ବୁଝିପାରିଲୁ ଯେ ଜାହାଜର କପ୍ତାନ ଆମକୁ ଦେଖିଛି । ହଠାତ୍ ଜାହାଜର ମାସ୍ତୁଲରେ ଗୋଟିଏ ପତାକା ଉଠିଲା ଓ କିଛିଟା ଧଳା ଧୂଆଁ ଗୋଟିଏ ପାଖରେ ବାହାରିଲା ଏବଂ କମାଣରୁ ଗୋଟିଏ ଗୋଳା ଆସି ପଡ଼ିଲା ଦ୍ୱୀପ ଉପରେ ।

ଆମେ ଚମକିପଡ଼ି ଦେଖିଲୁ ଯେ ପତାକାଟି କଳା– ଗୋଟିଏ ନରମୁଣ୍ଡ ଏବଂ ଦିଓଟି ହାଡ଼ ଅଙ୍କା ହୋଇଛି । ଏ ତ ଜଳଦସ୍ୟୁଙ୍କ ଜାହାଜ !

Digitized by srujanika@gmail.com

ପିଟରକିନ୍ କହିଲା— ଆମକୁ ପାଇଲେ ଏମାନେ ହାଙ୍ଗର ମୁହଁରେ ପକାଇ ମଜାଦେଖିବେ, ନଚେତ୍ ଜଳଦସ୍ୟୁରେ ପରିଣତ କରିବେ ।

ଜେକ୍ କହିଲା— ସେମାନେ ଆସିଲେ ଦ୍ୱୀପଟା ସାରା ଆମକୁ ଖୋଜିବୁଲିବେ । ମୋ ସାଙ୍ଗରେ ଆସ । ଗୋଟିଏ ଉପାୟ ଅଛି ।

ଆମେ ଜେକ୍ ସାଙ୍ଗରେ ଝରଣା କୂଳରେ ସେଇ ପଥରଟା ପାଖକୁ ଗଲୁ । ସେଠାରୁ ଦେଖିଲୁ ଡଙ୍ଗାଟିରେ ସଶସ୍ତ୍ର ଲୋକ ଭର୍ତ୍ତିହୋଇଛନ୍ତି ଓ ଡଙ୍ଗାଟି କୂଳରେ ଲାଗିଛି । ସେମାନେ ଆମ କୁଡ଼ିଆ ଆଡ଼କୁ ଆଗେଇଯାଇ ପୁଣି ଫେରିଆସିଲେ । ଜଣେ ଆମ ବିଲେଇଟାର ଲାଞ୍ଜ ଧରି ବୁଲେଇ ବୁଲେଇ ସମୁଦ୍ର ଭିତରକୁ ଫିଙ୍ଗିଦେଲା ।

ଜେକ୍ କହିଲା— ଗୋଟିଏ ନିରୀହ ବିଲେଇକୁ ଯେ ଏପରି ମାରିପାରେ ସେ ମଣିଷ ମାରିବାକୁ ତିଳେ ହେଲେ କୁଣ୍ଠା ପ୍ରକାଶ କରିବନି । ସୁଡ଼ଙ୍ଗ ପଥରେ ଝରଣା ଦେଇ ଗୁହା ଭିତରେ ପ୍ରବେଶ କରିବା ଛଡ଼ା ଅନ୍ୟ ଉପାୟ ନାହିଁ ।

ପିଟରକିନ୍ କହିଲା— ଅସମ୍ଭବ, ମୁଁ ଯିବିନି ।

ମୁଁ କହିଲି— ଭୟ କର ନାହିଁ ପିଟରକିନ୍ !

ଜେକ୍ ଗମ୍ଭୀର ହୋଇ କହିଲା— ଦେଖ ପିଟରକିନ୍, ଆଉ ସମୟ ନାହିଁ । ଗୁହାକୁ ଯିବ, ନଚେତ୍ ତମ ସାଙ୍ଗରେ ଆମକୁ ମୃତ୍ୟୁ ବରଣ କରିନେବାକୁ ହେବ ।

ଜେକ୍ କହିଲା— ତୁମେ ଦି'ଜଣ ଲୁଚିଯାଅ । ମୁଁ ଏକୁଟିଆ ଏଠାରେ ରହିବି ।

ଜେକ୍ କହିଲା— ନା, ତା ହେବନାହିଁ । ରାଲ୍ଫ, ଆମକୁ ଶତ୍ରୁର ସାମନା ହେବାକୁ ହେବ । ଯଦି ଆମେ କେତେଜଣଙ୍କୁ ଅକ୍ତିଆରରେ ଆଣିପାରିବା !

ମୁଁ କହିଉଠିଲି— ସେମାନେ ପାଞ୍ଚଜଣ ।

ପିଟରକିନ୍ କହିଲା— ତୁମରି କଥା ହେଉ— ମୁଁ ସେ ଗୁହା ଭିତରକୁ ଯିବି ।

ଜଳଦସ୍ୟୁମାନେ ଆମକୁ ଦେଖିସାରିଲେଣି । ଆଉ ଅପେକ୍ଷା ନକରି ଜେକ୍ ଓ ମୁଁ ପିଟରକିନ୍‌ର ଦୁଇହାତ ଚାପିଧରିଲୁ । ଜେକ୍ କହିଲା— ପିଟରକିନ୍, ଟିକିଏ ହେଲେ ହଲଚଲ ହୁଅନାହିଁ, ନଚେତ୍ ଆମର ବଞ୍ଚିବାର କୌଣସି ଉପାୟ ରହିବ ନାହିଁ । ପିଟରକିନ୍ କୌଣସି ଉତ୍ତର ଦେଲା ନାହିଁ । ତା'ର ମୁହଁକୁ ଚାହିଁ ଦେଖିଲି ଯେ ସେ ନିଜକୁ ପ୍ରସ୍ତୁତ କରିସାରିଛି । ଆମେ ତିନିହେଁ ପାଣିକୁ ଲମ୍ଫଦେଲୁ ।

ଗୁହା ଭିତରେ ପଶି ତିନିଜଣ ତିନିଟା ପଥର ଉପରେ ବସି ବିଶ୍ରାମ କରିବାକୁ ଲାଗିଲୁ । ପିଟରକିନ୍ କହିଲା— ଜଳଦସ୍ୟୁମାନେ ଯଦି ଏହି ଦ୍ୱୀପରେ ବସବାସ କରିବାକୁ ଠିକ୍‌କରିଥାନ୍ତି ତେବେ ଉପାୟ ?

ଜେକ୍ କହିଲା— ସେ ଭୟ ନାହିଁ । ଗୋଟିଏ ସ୍ଥାନରେ ବେଶି ଦିନ ରହିବା ତାଙ୍କୁ ପୋଷାଏ ନାହିଁ । ଅତି ବେଶି ହେଲେ ଦି'ଦିନ ରହିବେ ।

Digitized by srujanika@gmail.com

—ଏଇ ଦି'ଟା ଦିନ ଏ ଅନ୍ଧାରରେ ଓ ଅନାହାରରେ ରହିବା କିପରି ?

ଜେକ୍ କହିଲା– ପିଟରକିନ୍, ସେ ଭୟ ନାହିଁ । ରାଲ୍ଫ ଓ ମୁଁ ଏହା ପୂର୍ବରୁ ଯେତେବେଳେ ଏଠାକୁ ଆସୁଥିଲୁ କିଛି ଫଳମୂଳ ନେଇ ଏଠାକୁ ଆସୁ । ରୁଟିଫଳ ଓ ନଡ଼ିଆଗୁଡ଼ିକ ବେଶ୍ ଭଲଅଛି ।

କିଛି ଖିଆପିଆ କଲୁ । ଆସ୍ତେ ଆସ୍ତେ ଦିନର ଆଲୋକ ଲିଭିଗଲା । ରାତି ଆସିଲା । ସେଇ ସନ୍ତସନ୍ତିଆ ଗୁହା ଭିତରେ ଶୋଇପଡ଼ିଲୁ । ନିଦ ଭାଙ୍ଗିବାରେ ଦେଖିଲୁ ଆଲୋକ ଆସିଛି– ତେବେ ସକାଳ ହେଲାଣି ।

ଜେକ୍ କହିଲା– ଅବସ୍ଥାଟା କ'ଣ ଦେଖିଆସେ ।

ମୁଁ କହିଲି– ନା ଜେକ୍, ତମେ ବିଶ୍ରାମକର । ଏ କେତେଦିନ ତୁମେ ଅନେକ ବେଶି ପରିଶ୍ରମ କରିଛ । ତମେ ପିଟରକିନ୍‌କୁ ଦେଖ, ମୁଁ ଜଳଦସ୍ୟୁଗୁଡ଼ାଙ୍କୁ ଦେଖେ । ଭୟ କରିବ ନାହିଁ, ମୁଁ ଖୁବ୍ ସାବଧାନରେ ଥିବି, ଶ୍ରୀଘ୍ର ଫେରିଆସିବି ।

ଜେକ୍ କହିଲା– ବେଶ୍, ଡେରି କରିବ ନାହିଁ ଫେରିବାକୁ । ସମ୍ଭବ ହେଲେ କେତେଟା ନଡ଼ିଆ ନେଇଆସିବ ।

ପିଟରକିନ୍ କହିଲା– ଜଳଦସ୍ୟୁଗୁଡ଼ାକ ନିଶ୍ଚୟ ଆମକୁ ଖୋଜୁଥିବେ । ସାବଧାନ ଥିବ ।

''ଭୟକରନା– ନିଶ୍ଚିନ୍ତ ରହ''– କହି ମୁଁ ପାଣିରେ ଲମ୍ଫ ମାରିଲି । ଉପରକୁ ଉଠିବା ପୂର୍ବରୁ ସତର୍କତା ସହ ଚାରିଆଡ଼େ ଲକ୍ଷ୍ୟ କଲି । କାହାରିକି ଦେଖିଲି ନାହିଁ । ଗୁରୁଣ୍ଡି ଗୁରୁଣ୍ଡି ଉଠିବାକୁ ଲାଗିଲି । ଟିକିଏ ଉପରକୁ ଆସି ସମୁଦ୍ର ଆଡ଼କୁ ଅନାଇଁ ଦେଖିଲି ଯେ ଜଳଦସ୍ୟୁ ଜାହାଜଟି ଦୂରକୁ ଆଗେଇଯାଉଛି । ଖବରଟା ବନ୍ଧୁମାନଙ୍କୁ ଦେବାକୁ ଠିକ୍ କଲି । ତା'ପରେ ଭାବିଲି– ଯେଉଁ ଜାହାଜଟି ଗଲା ସେ ଜାହାଜଟି ପ୍ରକୃତରେ କେଉଁ ଜାହାଜ ଜାଣିବା ଦରକାର । ଭଲ କରି ଦେଖିଲି– ନା, ଏଇଟା ସେହି ଜଳଦସ୍ୟୁ ଜାହାଜ ! ଆଶ୍ୱସ୍ତିର ନିଃଶ୍ୱାସ ମାରିଲି ।

ହଠାତ୍ କର୍କଶ କଣ୍ଠରେ ମୋ ପାଖରୁ କେହି କହିଉଠିଲା– ''ଏତେଟା ନିଶ୍ଚିନ୍ତ ହେବା କ'ଣ ଠିକ୍ ହେଲା ?'' କହିବା ସଙ୍ଗେ ସଙ୍ଗେ ଗୋଟାଏ ବଳିଷ୍ଠ ହାତ ମୋର କାନ୍ଧଟାକୁ ଚାପିଧରିଲା । ମୁଁ ଆତଙ୍କରେ ଚିତ୍କାର କରିଉଠିଲି ଓ ମୋ ଦେହ କାଲୁଆ ମାରିଗଲା । ପଛକୁ ଅନାଇଁ ଦେଖେ ତ ଗୋଟାଏ ଭୀଷଣ କଦାକାର ଲୋକ ବିଦ୍ରୂପର ହସ ହସି ମୋତେ ଅନାଇ ରହିଛି । ଲୋକଟି ଇଉରୋପୀୟ ହେଲେ ମଧ୍ୟ ତା'ର ମୁଖର ରଙ୍ଗ ତମ୍ବାଳିଆ ହୋଇଯାଉଛି । ସାଜସଜ୍ଜା ସାଧାରଣ ନାବିକର । ମୁଣ୍ଡରେ ଗ୍ରୀକ୍‌ଟୋପି, ଅଣ୍ଟାରେ ଦାମିକା ସିଲ୍‌କ ଲୁଗା, ଚାରିଟା ପିସ୍ତଲ ଏବଂ ଛୁରା, ନିଶଦାଢ଼ିଗୁଡ଼ାକ ମୂଣ୍ଡର [illegible] ପରି ଛୋଟ ଛୋଟ ଓ କୁଞ୍ଚିତ ।

Digitized by srujanika@gmail.com

ଜଳଦସ୍ୟୁଟା ହସି ହସି କହିଲା— ବେଶ୍, ମୋ ଆଡ଼କୁ ଏବେ ଅନାଅ। ତା'ପରେ ହ୍ୱିସିଲ୍ ମାରିଲା । ତତ୍‌କ୍ଷଣାତ୍ ଆସିଲା ଉତ୍ତର । ଜଳଦସ୍ୟୁଙ୍କ ଡଙ୍ଗାଟି ମଧ୍ୟ ଦ୍ୱୀପଆଡ଼କୁ ମୁହଁ ଫେରାଇଲା । ସେ ପିସ୍ତଲ ଦେଖାଇ କହିଲା – ପଳାଇବାକୁ ଚେଷ୍ଟା କଲେ ମୃତ୍ୟୁ – ଯାଅ, ନିଆଁ ଜାଳ୍ ।

ମୁଁ ବାଧ୍ୟହୋଇ ପକେଟରୁ କାଚ ବାହାରକରି ନିଆଁ ଲଗାଇଲି । ଏ ସମୟରେ ଗୋଟାଏ କମାଣର ଗର୍ଜନ ଶୁଭିଲା । ଦେଖିଲି ଜାହାଜଟା ପୁଣି ଦ୍ୱୀପ ଆଡ଼କୁ ଫେରିଆସୁଛି । ଏବେ ସେମାନଙ୍କ ଚାତୁରୀ ବୁଝିପାରିଲି । ଆମେ ଯେପରି ଭାବିବୁ ଯେ ଜାହାଜଟା ଚାଲିଗଲା, ସେଥିପାଇଁ ଜାହାଜଟାକୁ ଘୁଞ୍ଚାଇ ନିଆଯାଇଥିଲା । ଯା'ହେଉ, ବର୍ତ୍ତମାନ ଆଉ ଦୁଃଖ କରି ଲାଭ ନାହିଁ । ମୁକ୍ତିଲାଭର ସାମାନ୍ୟ ସୁଯୋଗ ଏମାନେ ଦେବେନାହିଁ ଏକଥା ମୁଁ ଜାଣିଛି । ଭାବୁଥିଲି ପଳେଇବି ବୋଲି, କିନ୍ତୁ ଧରାପଡ଼ିଯିବାର ବହୁତ ଆଶଙ୍କା ଥିଲା ।

Digitized by srujanika@gmail.com

ଯେଉଁ ଦଳଦସ୍ୟୁଟି ମୋତେ ଧରିଥିଲା ଅନ୍ୟ ନାବିକମାନେ ତାକୁ କପ୍ତାନ ବୋଲି ସମ୍ବୋଧନ କରୁଥାନ୍ତି । ନାବିକଗୁଡ଼ିକର ଚେହେରା ଅତ୍ୟନ୍ତ ହିଂସ୍ର ଓ ରୁକ୍ଷ । କପାଳରେ ଭ୍ରୂକୁଟି ରେଖା । ସବୁରି ପୋଷାକ କପ୍ତାନର ପୋଷାକ ପରି ଦଖିଲେ ମନେହେଉଥିଲା ଏଗୁଡ଼ାକ ନରଘାତକ ।

ସେମାନଙ୍କ ଭିତରୁ ଜଣେ କହିଲା— ଆଉ ଟୋକାଗୁଡ଼ାକ ଗଲେ କୁଆଡ଼େ ? ତିନିଟା ନିଶ୍ଚୟ ଥିଲେ ।

କପ୍ତାନ୍ ପଚାରିଲା— ଏ ଟୋକା, କହୁନୁ କିଆଁ ବାକି କୁକୁରଗୁଡ଼ାକ ଗଲେ କୁଆଡ଼େ ?

ମୁଁ କହିଲି— ମୋର ବନ୍ଧୁମାନଙ୍କ କଥା ପଚାରୁଚ ? ମୁଁ କହିବିନି ।

ଏହା ଶୁଣି ସମସ୍ତେ ବିକଟ ହସରେ ଫାଟିପଡ଼ିଲେ । କପ୍ତାନ୍ ମୋ ଆଡ଼କୁ ଆଶ୍ଚର୍ଯ୍ୟ ହୋଇ ଅନାଇଁ ପିସ୍ତଲ ଉଠେଇ କହିଲା— ଦେଖ, ମୁଁ ସମୟ ନଷ୍ଟ କରିବାକୁ ଚାହେଁନା । ସମସ୍ତ ଖବର ନ କହିଲେ ମୁଣ୍ଡର ଖପୁରିଟା ଉଡ଼େଇଦେବି । କୁଆଡ଼େ ଗଲେ ସେମାନେ ?

ମୁଁ ତା' ମୁହଁଆଡ଼କୁ ଘୃଷିଟାଏ ଉଞ୍ଚେଇ କହିଲି— ସୟତାନ, ଖପୁରିଟା ଉଡ଼ାଇ ଦେଲେ ତ ସବୁ ଶେଷହୋଇଯିବ । ସେଇଟା କ'ଣ ଆଉ କଷ୍ଟ କାମ ? ବୁଡ଼େଇ ମାରିଲେ ବରଂ ବେଶି କଷ୍ଟ ପାଇବି । ତମକୁ କହିଦେଉଚି, ତମେ ଯଦି ମୋତେ ଏହି ପାହାଡ଼ ଉପରୁ ତଳକୁ ଫିଙ୍ଗିଦିଅ ତଥାପି ମୁଁ ବନ୍ଧୁମାନଙ୍କ ସମ୍ପର୍କରେ କିଛି କହିବି ନାହିଁ । ଥରେ ଚେଷ୍ଟା କର ତ !

ସେ କ୍ରୋଧରେ ଗର୍ଜନ କରି କହିଉଠିଲେ— ଏଟାକୁ ନେଇଯାଅ, ପାଣିରେ ପକାଇଦେଇଆସ ।

ମୋର ସାହସଦେଖି ଜଳଦସ୍ୟୁମାନେ ଆଶ୍ଚର୍ଯ୍ୟ ହୋଇଥିଲେ । କପ୍ତାନର ଆଦେଶରେ ମୋତେ ଉଚ୍ଚ ପାହାଡ଼ ଉପରକୁ ନେଇଗଲେ । ମୁଁ ଜାଣେ— ଥରେ ପାଣିରେ ପଡ଼ିଲେ ମୁଁ ମୋର ବନ୍ଧୁମାନଙ୍କ ପାଖକୁ ବେଶ୍ ଯାଇପାରିବି । କପ୍ତାନ୍ ପୁଣି କହିଲା ରହ, ପାଣିରେ ପକାଇବା ପୂର୍ବରୁ ତାକୁ ଡଙ୍ଗାରେ ରଖ ।

ସେମାନେ ସାଙ୍ଗେ ସାଙ୍ଗେ ମୋତେ ଡଙ୍ଗାପାଖକୁ ଟେକିନେଇ ଏପରି ଜୋର୍‌ରେ ଧଡ଼ାସ୍ କରି ଡଙ୍ଗା ଭିତରେ ପକାଇଦେଲେ ଯେ ମୁଁ ଅନୁଭବ କଲି ଯେପରି ମୋର ହାଡଗୁଡ଼ାକ ଭାଙ୍ଗିଗଲା । ଏହାପରେ ଡଙ୍ଗାଟା ଜାହାଜ ଆଡ଼କୁ ଆଗେଇଲା ।

ଜାହାଜ ପାଖରେ ଗୋଟାଏ କିଏ ମୋତେ ପଛପଟୁ ଗୋଇଠାଟାଏ ମାରି ଜାହାଜ ଉପରକୁ ଉଠିବାକୁ କହିଲା ।

Digitized by srujanika@gmail.com

ଜାହାଜ ଉପରକୁ ଉଠି ଦେଖିଲି ଯେ ଆକୃତିରେ ଏହା ଏକ ବାଣିଜ୍ୟ ଜାହାଜ– ବେଶ୍ ପରିଷ୍କାର । ମୁଁ ଲକ୍ଷ୍ୟକଲି ଯେ ଜଳଦସ୍ୟୁମାନଙ୍କର ପୋଷାକ କପ୍ତାନର ଭଳି ହେଲେ ମଧ୍ୟ କପ୍ତାନ୍ ଛଡ଼ା ଆଉ କାହା ପାଖରେ ଅସ୍ତ୍ରଶସ୍ତ୍ର ନାହିଁ । କପ୍ତାନ୍ ତା' ପାଖରେ ଛୁରା ଓ ପିସ୍ତଲ ରଖିଥାଏ । କପ୍ତାନକୁ କେହି ନାବିକ ଭଲପାଇବାର ଦେଖିଲିନାହିଁ । ଆନ୍ତରିକ ବିଦ୍ୱେଷ ଥିଲେ ବି ନାବିକମାନେ ନିଜର ସୁବିଧାପାଇଁ କପ୍ତାନ୍‌କୁ ମାନିନେଇଛନ୍ତି ।

ମୁଁ ପ୍ରବାଳ ଦ୍ୱୀପ ଆଡ଼କୁ ଅନାଇ କାନ୍ଦିପକାଇଲି । ବନ୍ଧୁମାନଙ୍କ କଥା ମନେପଡ଼ିଲା । ଏହି ସମୟରେ କପ୍ତାନ୍ ମୋତେ ଗୋଟାଏ ଘୁଷିମାରି କହିଲା– କାନ୍ଦୁଚୁ ! କାନ୍ଦ ବନ୍ଦକର ସୟତାନ୍ ! ଏ ଦୁର୍ବ୍ୟବହାରରେ ମୋର ଦିହଟା ଯେପରି ଜଳିଗଲା । କିନ୍ତୁ ଭାବି ଦେଖିଲି ଯେ କ୍ରୋଧ ପ୍ରକାଶ କରିବା ଉଚିତ ହେବ ନାହିଁ । ତେଣୁ ପକେଟରୁ ରୁମାଲ ବାହାରକରି ଲୁହ ପୋଛିଲି ।

କପ୍ତାନ୍ କହିଲା– ତୋ ବିଷୟରେ ମୋର ଭଲ ଧାରଣା ଥିଲା । ତୋତେ ବଦଳାଇବି, ନ ପାରିଲେ ତତେ ସମୁଦ୍ରରେ ପକେଇଦେବି । ଏବେ ତଳକୁ ଯା, ମୁଁ ନ ଡାକିବା ପର୍ଯ୍ୟନ୍ତ ଉପରକୁ ଆସିବୁ ନାହିଁ ।

କପ୍ତାନ୍‌ର ଆଦେଶ ମାନି ତଳକୁ ଯାଉଁ ଯାଉଁ ଦେଖିଲି ଯେ ମାସ୍ତୁଲ ପାଖରେ ଗୋଟିଏ ବାକ୍ସ ରହିଛି ଓ ସେଥିରେ ଲେଖାଅଛି 'ଗୁଳିବାରୁଦ'। ମୁଁ ଗୋଟିଏ ଉପାୟ କଲି । ପବନ ପ୍ରତିକୂଳରେ ତ ଆମେ ଯାଉଛୁଁ– ଭାବିଲି ଏଇଟା ସମୁଦ୍ରରେ ପଡ଼ିଲେ ଭାସି ଭାସି ଯାଇ ଦ୍ୱୀପରେ ନିଶ୍ଚୟ ପହଞ୍ଚିବ । ଦ୍ୱୀପରେ ତ ପିସ୍ତଲ ଅଛି ! ତେଣୁ ଡେରି ନକରି ସେ ବାକ୍ସଟିକୁ ପାଣିକୁ ଗଡ଼ାଇଦେଲି । କପ୍ତାନ୍ ଓ ନାବିକମାନେ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ । ଭୀଷଣ ଅଙ୍ଗଭଙ୍ଗୀ କରି କପ୍ତାନ ମୋ ପାଖକୁ ଦୌଡ଼ିଆସି ଚିତ୍କାରକଲା– ପାଣିରେ ପକେଇଲୁ କାହିଁକି ? ସେ ମୋତେ ଆଘାତ କରିବାକୁ ହାତ ଉଠାଇଲା ।

ମୁଁ ସେହିଭଳି ଚିତ୍କାର କରି କହିଲି– ହାତ ତଳକୁ କର, ନୋଚେତ୍ ମୁଁ କିଛି କହିବି ନାହିଁ ।

କପ୍ତାନ ଏଥର ପାଦେ ପଛେଇଯାଇ ବିସ୍ମୟରେ କହିଲା– ବେଶ୍ !

ମୁଁ କହିଲି, "ଶୁଣ, ଢେଉ ଓ ପବନରେ ଭାସିଯାଇ ବାକ୍ସଟା ନିଶ୍ଚୟ ପ୍ରବାଳ ଦ୍ୱୀପରେ ଲାଗିବ । ବନ୍ଧୁମାନଙ୍କ ପାଖରେ ପିସ୍ତଲଟାଏ ଅଛି ମାତ୍ର ଗୁଳି ନାହିଁ । ମୋର ଦୁଃଖ ଯେ ଗୁଳିବାରୁଦର ବାକ୍ସଟି ବଡ଼ ନୁହେଁ । ଶୁଣ, ତମେ କହୁଥିଲ ନା ମୋ ସମ୍ବନ୍ଧରେ ତମର ଭଲ ଧାରଣା ଥିଲା, ମାତ୍ର ମୋ ସଂପର୍କରେ ମୋର କୌଣସି ଧାରଣା ନାହିଁ । ତେବେ ଏତିକି କହିବି ମୁଁ ଯେଉଁ ଧାତୁରେ ତିଆରି ତମେ ସେମିତି

Digitized by srujanika@gmail.com

ଏହା ପୂର୍ବରୁ କେବେ ଦେଖିନ । ମୋତେ ପୋଷା ମନେଇବାକୁ ଯେଉଁ କ୍ଷମତା ପ୍ରୟୋଜନ ତାହାର ଟିକିଏ ବି ତମ ପାଖରେ ନାହିଁ ।

କପ୍ତାନ୍ କିଛି ନକହି ହସିଦେଇ ଉପରକୁ ଉଠିଗଲା । ମୁଁ ତଳକୁ ଗଲି । ତଳେ ମୋତେ ସମସ୍ତେ ବେଶ୍ ପ୍ରଶଂସା କଲେ । ଜଣେ ମୋର ପିଠି ଥାପୁଡ଼ାଇ କହିଲା— ବେଶ୍ କହିଛ । ଭବିଷ୍ୟତରେ ଉନ୍ନତି କରିବ । ଏହି ଯେଉଁ ନୃଶଂସ ବିଲ୍‌କୁ ଦେଖୁଛ ସେ ତମରି ଭଳି ଥିଲା, କିନ୍ତୁ ଏବେ ଦେଖତ ତା'ଭଳି ଖୁନୀ ଆମ ଦଳରେ କେହି ନାହାନ୍ତି ।

ମୁଁ ବିଲ୍‌କୁ ଲକ୍ଷ୍ୟକଲି । ସେ ସର୍ବଦା ଗମ୍ଭୀର । ସେ କାହା ସାଙ୍ଗରେ ପଦେ ଦି'ପଦ ଛଡ଼ା ବେଶି କଥା କହେନାହିଁ । ଲମ୍ବା ଚଉଡ଼ାରେ କପ୍ତାନଭଳି ।

ରାତିରେ କପ୍ତାନ ମତେ ଡକାଇପଠାଇଲା । ତା'ର କୋଠରି ଭିତରକୁ ଯାଇ ଦେଖିଲି ଘରଟି ବେଶ୍ ପରିଷ୍କାର ପରିଚ୍ଛନ୍ନ ଓ ଆଲୋକିତ ହୋଇଛି । ଗୋଟିଏ ଛୋଟ ଟେବୁଲ୍ ପାଖରେ ବସି କପ୍ତାନ୍ ପ୍ରଶାନ୍ତ ମହାସାଗରର ମାନଚିତ୍ରଟିଏ ଲକ୍ଷ୍ୟ କରୁଥିଲା । ମୁଁ ପ୍ରବେଶ କରିବାରୁ ମତେ ଚାହିଁ ବସିବାକୁ କହିଲା ।

ସେ ପଚାରିଲା— ତୁମର ନାମ କ'ଣ

ମୁଁ କହିଲି— ରାଲ୍‌ଫ ରୋଭାର ।

କପ୍ତାନ୍— ତୁମେ କେଉଁଠୁ ଆସିଛ ? ଏ ଦ୍ୱୀପକୁ ଆସିଲ କିପରି ? ତମର କେଇଜଣ ବନ୍ଧୁ ସେଠାରେ ଅଛନ୍ତି ? ସତକଥା କହ ।

— ମୁଁ କେବେ ମିଛ କହେନା ।

କପ୍ତାନ ବିଦ୍ରୂପର ହସ ହସିଲା । ମୁଁ ସମସ୍ତ କଥା କହିଲି, କିନ୍ତୁ ଅନ୍ଧକାର ଗୁହାର କଥା କହିଲି ନାହିଁ । ମୋର କଥା ଶେଷ ହେବା ପରେ ସେ ମୋ ଆଡ଼କୁ କିଛି ସମୟ ଅନାଇ କହିଲା— ତମ କଥାକୁ ମୁଁ ବିଶ୍ୱାସକରୁଛି । ମୁଁ ନିରୁତ୍ତର ରହିଲି ।

କପ୍ତାନ୍ କହିଲା— ତମେ ଏ ଜାହାଜକୁ ଜଳଦସ୍ୟୁର ଜାହାଜ ବୋଲି ଭାବିଲ କାହିଁକି ?

ମୁଁ କହିଲି— ଜାହାଜର କଳାପତାକା ଏବଂ ତୁମର ବ୍ୟବହାର ଦେଖି ।

କପ୍ତାନ ତା'ର ରାଗ ସମ୍ଭାଳି ନେଇ କହିଲା, "ତୁମେ ଟିକିଏ ବେଶି ଦୁଃସାହସୀ । ତୁମେ ଆମର ବହୁ ସମୟ ନଷ୍ଟକରିଛ ଏବଂ କାମରେ ବାଧାଦେଇଛ । କଳାପତାକାଟି ଦ୍ୱୀପର ଅଧିବାସୀମାନଙ୍କୁ ଭୟ ଦେଖାଇବା ପାଇଁ ଉଡ଼ାଯାଇଥିଲା । ମୁଁ ଜଳଦସ୍ୟୁ ନୁହେଁ, ମୁଁ ଜଣେ ବ୍ୟବସାୟୀ । ମୋର ବ୍ୟବହାର ଭଦ୍ର ଓ କୋମଳ ନୁହେଁ, କାରଣ ଜଳଦସ୍ୟୁ ଅଞ୍ଚଳ ଭିତରେ ବ୍ୟବସାୟ କରିବାକୁ ହେଲେ ଧୀର ଓ ଶାନ୍ତ ହେଲେ ଚଳିବନାହିଁ । ଫିଜି ଦ୍ୱୀପବାସୀଙ୍କ ସହିତ ମୋର ଚନ୍ଦନକାଠର

Digitized by srujanika@gmail.com

ବ୍ୟବସାୟ ରହିଛି । ତମେ ଇଚ୍ଛାକଲେ ସେଠାକୁ ଯାଇପାର । ତମ୍ଭଳି ଏକ ଭଲ ସାହସୀ ଯୁବକ ମୋର ପ୍ରୟୋଜନ । କ'ଣ କହୁଛ, ମୋ ସାଙ୍ଗରେ ଚନ୍ଦନକାଠର ବ୍ୟବସାୟ କରିବ ?

ମୁଁ ଟିକିଏ ଆଶ୍ୱସ୍ତ ହେଲି । ତା'କଥାର କୌଣସି ଉତ୍ତର ନଦେଇ ପଚାରିଲି– "ତା'ହେଲେ ମତେ ଏପରି ଭାବରେ ଦ୍ୱୀପରୁ ନେଇଆସିଛନ୍ତି କାହିଁକି ?"

କପ୍ତାନ୍ ହସି କହିଲା– ରାଗିକରି ତୁମକୁ ନେଇଆସିଛି । ମୁଁ ସେଥିପାଇଁ ଅନୁତପ୍ତ । ତମକୁ ସେଠାରେ ଛାଡ଼ିଦେଇ ଆସନ୍ତି, କିନ୍ତୁ ଆମେ ବହୁଦୂରକୁ ଆସିଗଲେଣି– ପ୍ରାୟ ପଚାଶ ମାଇଲ ବାଟ । ବର୍ତ୍ତମାନ ତମକୁ ସେଠାରେ ଛାଡ଼ି ଦେଇ ଆସିବା କଥା ଉଠେଇଲେ ମୋର ବନ୍ଧୁମାନଙ୍କ ପ୍ରତି ଅବିଚାର କରାହେବ ।

ମୁଁ ତା'ର ବ୍ୟବସାୟରେ ଯୋଗଦେବାକୁ ରାଜିହେଲି । କପ୍ତାନ୍‌କୁ କହିଲି ଯେ କୌଣସି ଏକ ସଭ୍ୟଦେଶରେ ସେମାନେ ମୋତେ ଛାଡ଼ି ଚାଲିଯିବେ । ଏଥିରେ କପ୍ତାନ୍ ରାଜିହୋଇଗଲା । କପ୍ତାନ୍‌କୁ ଧନ୍ୟବାଦ ଦେଇ ଫେରିଆସିଲି । ମାତ୍ର ମନରେ ଆଶା ସଞ୍ଚାର ହୋଇ ମନଟା କାହିଁକି ଯେ ହାଲୁକା ହେଲାନାହିଁ ବୁଝିପାରିଲିନାହିଁ ।

× × × ×

ଏହା ପରେ ତିନି ସପ୍ତାହ କଟିଗଲା । ଦିନେ ମୁଁ ଡେକ୍ ଧାରରେ ଠିଆହୋଇ ସମୁଦ୍ରର ବିଭିନ୍ନ ଜାତିର ମାଛ ଦେଖୁଛି । ଚାରିଆଡ଼େ ନିସ୍ତବ୍ଧ-ଅସହ୍ୟ ଗରମ । ମୋ ନିକଟରୁ କିଛି ଦୂରରେ ବିଲ୍ କାମ କରୁଛି । ଯେତେ ନାବିକ ଅଛନ୍ତି ସେମାନଙ୍କ ଭିତରେ ବିଲ୍ ହିଁ କେବଳ ମଣିଷ ଭଳିଆ ଦେଖାଯାଏ । ସେ କପ୍ତାନ୍‌ର ପ୍ରିୟପାତ୍ର ହୋଇଥିବାରୁ ସମସ୍ତେ ତାକୁ ଈର୍ଷା ଓ ଘୃଣା କରନ୍ତି । ମୁଁ ବିଲ୍ ସାଙ୍ଗରେ ଥରେ ଦି'ଥର କଥାବାର୍ତ୍ତା କରିବାକୁ ଉଦ୍ୟମ କରିଛି; କିନ୍ତୁ କିଛି ଗୋଟାଏ ଉତ୍ତର ଦେଇ ସେ ଆଡ଼େଇଯାଏ ।

ମୁଁ ତାକୁ କହିଲି– ବିଲ୍, ତମେ ଏତେ ବିଷଣ୍ଣ କାହିଁକି ?

ବିଲ୍ ମୃଦୁ ହସି କହିଲା– ବିଶେଷ କଥା କହିବା ଦରକାର ପଡ଼େନା ।

ମୁଁ କହିଲି– ମୋର କିନ୍ତୁ ବିଶ୍ୱାସ ତୁମର ଚିନ୍ତା କରିବାର ବେଶ୍ କ୍ଷମତା ଅଛି । ଯାହାର ଚିନ୍ତା କରିବାର କ୍ଷମତା ଥାଏ, ସେମାନଙ୍କର କହିବା ଭଳି କଥା ଥାଏ ।

ବିଲ୍ କହିଲା– ଠିକ୍ କହିଛ । କିନ୍ତୁ ଏଠାରେ କାହା ସାଙ୍ଗରେ କଥା କହିବି ? ଏମାନେ ଗାଳିଗୁଲଜ ଛଡ଼ା କ'ଣ ଆଉ କିଛି ଜାଣନ୍ତି ?

Digitized by srujanika@gmail.com

ମୁଁ କହିଲି— ସେ କଥା ସତ ବିଲ୍ ! ତୁମେ ଯଦି ଅନ୍ୟମାନଙ୍କ ଭଳି ବାଜେ କଥା କହିବ ମୁଁ ତମ ସଙ୍ଗେ କଥା ହେବାକୁ ମଧ୍ୟ ମନାକରିଦେବି । କେତେଦିନ ବିତିଲାଣି ଜାହାଜରେ— କିନ୍ତୁ କଥାବାର୍ତ୍ତା ହେବାଭଳି ଗୋଟିଏ ଲୋକ ଦିଶୁନି ମୋ ଆଖିକୁ । ତମେ ଯଦି ମୋ ସାଙ୍ଗରେ କଥା ହୁଅନ୍ତ ଭଲହୁଅନ୍ତା ।

ବିଲ୍ ଆଶ୍ଚର୍ଯ୍ୟ ହୋଇ ଅନାଇଲା । ପଚାରିଲା— ସେଇ ପ୍ରବାଳ ଦ୍ୱୀପରେ ତମେ ଭଲକଥା ଶୁଣିଛ ?

ମୁଁ କହିଲି— ବହୁତ । ମୋ ଜୀବନର ବହୁ ସୁଖଦିନ ସେଇଠି ବିତିଛି ।

ତା'ପରେ ସମସ୍ତ ଘଟଣା ତାକୁ କହିଲି । ବିଲ୍ ସବୁ ଶୁଣି ଆନନ୍ଦ ଓ ବିସ୍ମୟରେ ଅଭିଭୂତ ହୋଇ କହିଲା— ରାଲ୍‌ଫ, ଏ ଜାହାଜ ତୁମର ଉପଯୁକ୍ତ ସ୍ଥାନ ନୁହଁ ।

ମୁଁ କହିଲି— ତା' ସତ; କିନ୍ତୁ ଉପାୟ କ'ଣ ? କେବେ ମୁକ୍ତି ମିଳିବ ସେହି ଆଶାରେ ଦିନ ଗଣୁଛି ।

'ମୁକ୍ତି' ମୋ ଆଡ଼କୁ ଅନାଇଁ ବିଲ୍ କହିଉଠିଲା ।

ମୁଁ କହିଲି— ହଁ ମୁକ୍ତି ! କପ୍ତାନ୍ କହିଛି ଯେ ଏ ଅଭିଯାନ ଶେଷ ହେବା ପରେ ସେ ମୋତେ ମୁକ୍ତିଦେବ ।

ବିଲ୍ କହିଲା— ତୁମେ ଯେଉଁଦିନ ପ୍ରଥମେ ଏଠାକୁ ଆସିଲ କପ୍ତାନ୍ ତମକୁ କ'ଣ କହିଥିଲା ?

ମୁଁ କହିଲି— ସେ କହିଥିଲା ଯେ ସେ ଚନ୍ଦନକାଠ ବ୍ୟବସାୟୀ— ଜଳଦସ୍ୟୁ ନୁହେଁ । ଏ ଅଭିଯାନରେ ଯୋଗଦେଲେ ସେ ମୋତେ ଲାଭରୁ ଭାଗଦେବ ଏବଂ ମୁଁ ଇଚ୍ଛାକଲେ ଯେ କୌଣସି ସଭ୍ୟଦେଶରେ ମୋତେ ଓହ୍ଲାଇ ଦେବ ।

ଭ୍ରୂ-କୁଞ୍ଚିତ କରି ଖୁବ୍ ଧୀରେ ଧୀରେ ବିଲ୍ କହିଲା— ଚନ୍ଦନକାଠର ବ୍ୟବସାୟ ସେ ପ୍ରକୃତରେ କରେ । ତା'ଛଡ଼ା ସେ ମଧ୍ୟ ଜଳଦସ୍ୟୁ । କଳା ପତାକାଟା ଖାଲି ଡରେଇବାପାଇଁ ନୁହେଁ ।

ମୁଁ କହିଲି— ତେବେ ସେ ବ୍ୟବସାୟ କରୁଛି ବୋଲି କହୁଛି କାହିଁକି ?

ବିଲ୍ କହିଲା— କଥାଟା କ'ଣ ଜାଣ, ଯେଉଁଥିରେ ଜବରଦସ୍ତରେ କାମ ହୁଏନା ସେଠାରେ ସେ ବ୍ୟବସାୟ କରେ । କିନ୍ତୁ ବ୍ୟବସାୟ ଅପେକ୍ଷା ଜୋର୍ ଜୁଲ୍‌ମ କରିବାରେ ତା'ର ଉତ୍ସାହ ଅନେକ ବେଶି । ରାଲ୍‌ଫ, ଏ ଜାହାଜରେ ମୁଁ ଯେଉଁସବୁ ନୃଶଂସ ଦୃଶ୍ୟ ଦେଖିଛି, ତାହା ଦେଖିଥିଲେ ଆମେ ଜଳଦସ୍ୟୁ କି ନୁହଁ ଏ ବିଷୟରେ ତୁମର ସନ୍ଦେହ ରହନ୍ତା ନାହିଁ । ତମେ ଶୀଘ୍ର ଦେଖିପାରିବ ମଧ୍ୟ ।

ଏହା ପରେ ମୋର ଦିନଗୁଡ଼ିକ ଆତଙ୍କରେ କଟିଗଲା । ମୁଁ କପ୍ତାନଠାରୁ ଦୂରରେ ରହିଥିଲି । ସେ ମୋ ପ୍ରତି ଅନୁରକ୍ତ ଥିଲା ବୋଲି ଏ ପରିବର୍ତ୍ତନ

Digitized by srujanika@gmail.com

ଲକ୍ଷ୍ୟକରିପାରିନଥିଲା । ମୁଁ ସ୍ଥିର କରିଥିଲି ଯେ ଯେଉଁ ଦ୍ୱୀପରେ ଏ ଜାହାଜ ପ୍ରଥମେ ପହଞ୍ଚିବ ସେଠାରେ ଏ ନୃଶଂସଗୁଡ଼ାଙ୍କୁ ତ୍ୟାଗକରି ଅର୍ଦ୍ଧସଭ୍ୟ ଅଧିବାସୀମାନଙ୍କର ଆଶ୍ରୟ ଗ୍ରହଣ କରିବି ।

ବିଲ୍‌କୁ ଏହା କହିବାରୁ ସେ ମୁଣ୍ଡ ହଲାଇ କହିଲା ''ରାଲ୍‌ଫ, ସେ କଥା ମନକୁ ଆଣ ନାହିଁ ।''

ମୁଁ କହିଲି— କ'ଣ ସେମାନେ ଆଶ୍ରୟ ଦେବେନାହିଁ ?

ବିଲ୍ କହିଲା— ତୁମକୁ ମାରି ଖାଇବାପାଇଁ ଆଶ୍ରୟ ଦେବେ ।

ମୁଁ କହିଲି— ମୁଁ ତ ଶୁଣିଛି ଏ ଅଞ୍ଚଳର ଆଦିବାସୀମାନେ ଶତ୍ରୁମାଂସ ଛଡ଼ା ଅନ୍ୟ ମାଂସ ଖାଆନ୍ତିନାହିଁ ।

—ବୋଧହୁଏ ତୁମର କୋମଳ ହୃଦୟ ଇଂରେଜବନ୍ଧୁମାନେ ଏଇୟା ବୁଝାଇଛନ୍ତି । ମୁଁ ଜାଣେ ଫିଜି ଦ୍ୱୀପବାସୀମାନେ କେବଳ ଶତ୍ରୁର ନୁହଁ ନିଜ ଲୋକର ମାଂସ ମଧ ଖାଆନ୍ତି । ଅନ୍ୟ ମାଂସ ଅପେକ୍ଷା ନରମାଂସ ଏମାନଙ୍କର ଅଧିକ ପ୍ରିୟ । ତେବେ ସେମାନେ କଳାଲୋକର ମାଂସକୁ ଯେତେ ପସନ୍ଦ କରନ୍ତି ଗୋରା ମଣିଷର ମାଂସକୁ ସେତେଟା ପସନ୍ଦ କରନ୍ତି ନାହିଁ । ସେମାନେ କହନ୍ତି ଯେ ଗୋରା ମଣିଷର ମାଂସ ଖାଇଲେ ସେମାନଙ୍କର ଦେହ ଖରାପ ହୁଏ ।

ମୁଁ ପଚାରିଲି— ତମେ କହୁଥିଲ ନା ଧରିଲେ ମାରି ଖାଇଦେବେ ?

ବିଲ୍— ତାହା ସତ । ସେମାନେ ତମକୁ ପାଇଲେ ମାରି ଖାଇଦେବେ ଏଥିରେ ସାମାନ୍ୟ ସନ୍ଦେହ ନାହିଁ । ତା' ଛଡ଼ା ମୁଁ ସେମାନଙ୍କ ସାଙ୍ଗରେ ବହୁବର୍ଷ ବିତାଇ ଜାଣିଛି ଯେ ଏମାନେ ଜଳଦସ୍ୟୁ ଅପେକ୍ଷା କୌଣସି ଗୁଣରେ କମ୍ ନୁହନ୍ତି । ସେମାନଙ୍କର ଗୋଟିଏ ନିୟମ ଅଛି ଯେ ଜାହାଜ ବୁଡ଼ିଲେ ସେମାନଙ୍କ ଦ୍ୱୀପରେ ଜୀବିତ ବା ମୃତ ବ୍ୟକ୍ତି ଭାସିଆସି ଲାଗିଲେ ତାକୁ ସେମାନେ ପୋଡ଼ି ଖାଇବେ । ଦିନକର କଥା ଶୁଣ । ଝଡ଼ ଯୋଗୁଁ ଗୋଟିଏ ଦ୍ୱୀପ ପାଖରେ ଜାହାଜ ନଙ୍ଗର ପକାଇଥାଏ । ଦ୍ୱୀପ ପାଖରେ ଗୋଟିଏ ଜାହାଜ ବୁଡ଼ିଥାଏ ଯେ ତିନିଜଣ ଛଡ଼ା ଅନ୍ୟ ସମସ୍ତେ ମରିଯାଇଥାନ୍ତି । ଏହି ତିନିଜଣ ପହଁରି ପହଁରି ସେ ଦ୍ୱୀପରେ ଯାଇ ଲାଗିଲେ । ଦ୍ୱୀପବାସୀମାନେ ସେମାନଙ୍କୁ ଧରି ବଣ ଭିତରକୁ ନେଇଗଲେ । ସେମାନଙ୍କ ଉଦ୍ଦେଶ୍ୟ କ'ଣ ଆମେ ଜାଣୁ । ତଥାପି ଆମ ଦଳରେ କମ୍ ଲୋକ ଥିବାରୁ ସେମାନଙ୍କୁ ଆମେ ସାହାଯ୍ୟ କରିପାରିଲୁନାହିଁ । ପରେ ସେ ତିନିଜଣଙ୍କୁ ଆଉ ଦେଖିବାକୁ ମିଳିଲା ନାହିଁ । ଆମେ ସେ ରାତିରେ ଦ୍ୱୀପବାସୀଙ୍କର ନୃତ୍ୟ, ଗୀତ, ଉତ୍ସବ ଓ ପାଟିତୁଣ୍ଡ ଶୁଣିଥିଲୁ । ତା'ପରଦିନ ବ୍ୟବସାୟ ନେଇ ତାଙ୍କ ଭିତରୁ ଜଣେ ଆସି କହିଲା ଯେ ସେମାନେ ମଲା ମଣିଷଗୁଡ଼ିକୁ ପୋଡ଼ିକରି ଖାଇଛନ୍ତି

Digitized by srujanika@gmail.com

ଏବଂ ହାଡ଼ରେ ପାଲ ଟାଣିବାର ବ୍ୟବସ୍ଥା ହେଉଛି । ଗୋରା ମଣିଷଗୁଡ଼ାକଙ୍କର ମାଂସ ଏତେ ଖରାପ ଯେ ତାହା ଖାଇ ସମସ୍ତଙ୍କର ଦେହ ଖରାପ ହୋଇଛି ।

ଏ ଭୟଙ୍କର କଥା ଶୁଣି ମୋ ରକ୍ତ ଶୁଖିଗଲା । ପଚାରିଲି– ବିଲ୍, ତେବେ ବର୍ତ୍ତମାନ କ'ଣ କରାଯାଇପାରେ ?

ଚାରିଆଡ଼କୁ ସତର୍କ ଦୃଷ୍ଟି ରଖି ବିଲ୍ କହିଲା– ଦୁଇ ତିନିଟା ଉପାୟ ଅଛି, କିନ୍ତୁ ସହଜ କାମ ନୁହେଁ । ଟାଇତି ଦ୍ୱୀପର ଲୋକମାନେ ହିଂସ୍ର ନୁହନ୍ତି । ଯଦି ସେ ଦ୍ୱୀପକୁ ଯାଇହୁଏ ତେବେ ଭଲ । ତେବେ କପ୍ତାନ ବଡ଼ ସତର୍କ । ତମେ ଚିନ୍ତାକର । ମୁଁ ଯାଉଛି । ମୋର ଏବେ ପହରା ଦେବାର ପାଳି ।

ବିଲ୍ ଯିବାପରେ ଆଉ ଜଣେ ସେଠାକୁ ଆସିଲା । ମୁଁ ତା' ସାଙ୍ଗରେ କଥା ହେଲିନାହିଁ । ମନେପଡ଼ିଲା ଜ୍ୟାକ୍ ଓ ପିଟରକିନ୍‌ର କଥା । ସେମାନେ କ'ଣ ମୋର ମୃତଦେହ ଖୋଜୁଥିବେ ନା ଏମାନେ ମୋତେ ଧରିଆଣିଛନ୍ତି ବୋଲି ଭାବୁଥିବେ ? ତା'ଛଡ଼ା ମୋର ସାହାଯ୍ୟ ନ ନେଇ ଜ୍ୟାକ୍ ପିଟରକିନ୍‌କୁ ସେ ଗୁହା ଭିତରୁ କିପରି ବାହାର କରିଥିବ ?

ଏଇ ସମୟରେ ଝଲକାଏ ଉଜ୍ଜ୍ୱଳ ଅଗ୍ନିର ଆଲୋକ ଦେଖାଗଲା । ଦକ୍ଷିଣ ଦିଗ୍‌ବଳୟକୁ ଉଦ୍‌ଭାସିତ କରି ଏ ରକ୍ତିମ ଆଲୋକ ପଡ଼ିଛି । କମାଣର ଗର୍ଜନ ପରି ଏକ ଶବ୍ଦ ହେଲା । ଆକାଶରେ ଛାଇଗଲା କଳାବର୍ଣ୍ଣର ଧୂଆଁ । ଭୀଷଣ ଗରମ ପବନ ବହିବାକୁ ଲାଗିଲା । ବଡ଼ ଏକ ଝଡ଼ର ସଙ୍କେତ ଭାବି ସମସ୍ତେ ଡେକ୍ ଉପରକୁ ଧାଇଁ ଆସିଲୁ । କପ୍ତାନ୍ ବୁଝାଇଦେଲା ଯେ ଏହା ନିକଟର ଏକ ଆଗ୍ନେୟଗିରିର କାଣ୍ଡ ।

ସାଙ୍ଗେ ସାଙ୍ଗେ ଅସରାଏ ବର୍ଷା ଆରମ୍ଭ ହେଲା । ଏତ ବୃଷ୍ଟି ନୁହଁ– ତାତିଲା ପାଉଁଶ ! ଦ୍ରୁତି ଗତିରେ ଜାହାଜ ଚଳାଇବାକୁ ନିର୍ଦ୍ଦେଶ ଦେଲା କପ୍ତାନ୍ । ରାତିସାରା ଆକାଶଟା ଉଜ୍ଜ୍ୱଳ ଥିଲା ଏବଂ ଅଗ୍ନିଉତ୍ପାତର ଭୀଷଣ ଶବ୍ଦ ହେଉଥିଲା । କ୍ରମେ ପାଉଁଶ ବର୍ଷଣ କମିଆସିଲା । ମୋର ଜ୍ୟାକ୍ କଥା ମନେପଡ଼ିଲା । ସେ କହୁଥିଲେ ଯେ ପ୍ରଶାନ୍ତମହାସାଗରର ଅନେକ ଦ୍ୱୀପରେ ଆଗ୍ନେୟଗିରି ରହିଛି । ସେଥିରୁ କେତେକ ମୃତ ଏବଂ ଆଉ କେତେକ ସଜୀବ । ବୈଜ୍ଞାନିକମାନେ କହନ୍ତି ଯେ ପ୍ରଶାନ୍ତ ମହାସାଗରର ଦ୍ୱୀପଗୁଡ଼ିକ ଅଗ୍ନି ଉତ୍ପାତରୁ ପାଣିରେ ବୁଡ଼ିଯାଇଥିବା କୌଣସି ବିଶାଳ ମହାଦେଶର ପର୍ବତ ମାନଙ୍କର ଚୂଡ଼ାମାତ୍ର ।

ଅଗ୍ନିଉତ୍ପାତର ତିନିଦିନ ପରେ ଆମେ ଗୋଟାଏ ବଡ଼ ଦ୍ୱୀପରେ ପହଞ୍ଚିଲୁ । ଦ୍ୱୀପଟିରେ ସବୁଆଡ଼େ ଗଛଲତା ପୂରିରହିଛି । ଦୁଇଟା ବଡ଼ ବଡ଼ ପାହାଡ଼ ମଧ୍ୟ ଦ୍ୱୀପଟିରେ ରହିଛି । ମଝିରେ ଏକ ସୁନ୍ଦର ଉପତ୍ୟକା । ଗୋଟିଏ ପାହାଡ଼ର ଉଚ୍ଚତା ପ୍ରାୟ ଚାରିହଜାର ଫୁଟ ହେବ । ବିଲ୍ ମୋ ପାଖରେ ଥିଲା । ସେ କହିଲା– ଏ ଦ୍ୱୀପଟିର ନାମ ଏମୋ ।

Digitized by srujanika@gmail.com

ମୁଁ ପଚାରିଲି– ଆଗରୁ କେବେ ଆସିଛ ?

ସେ କହିଲା– ଅନେକ ଥର । ଚନ୍ଦନକାଠ ପାଇଁ ଦ୍ୱୀପଟି ପ୍ରସିଦ୍ଧ । ଅନେକଥର ଜାହାଜରେ ବୋଝେଇକରି ନେଇଚୁ । ଦାମ୍ ଦେବାକୁ ପଡ଼ିଛି, କାରଣ ଦ୍ୱୀପଟିର ଅଧିବାସୀଙ୍କ ସଂଖ୍ୟା ବେଶ୍ ବେଶି । କପ୍ତାନ୍ ସେମାନଙ୍କୁ ଏତେ ଠକେଇଛି ଯେ ଉପଯୁକ୍ତ ଦାମ୍ ପାଇଲେ ମଧ୍ୟ ସେମାନେ ଆମ ପ୍ରତି ଆଉ ଭଲ ବ୍ୟବହାର କରୁନାହାନ୍ତି । ତଥାପି କପ୍ତାନ୍‌ର ବଡ଼ ସାହସ ।

ଦ୍ୱୀପଠାରୁ ଦୂରରେ ନଙ୍ଗର ପକାଇ ଡଙ୍ଗା ଓହ୍ଲାଇବାକୁ କପ୍ତାନ୍ ଆଦେଶଦେଲା । ପନ୍ଦରଜଣ ସଶସ୍ତ୍ର ଲୋକ ସାଙ୍ଗରେ ନେଇ ସେ ଡଙ୍ଗା ଛାଡ଼ିଦେଲା । ମୁଁ ରହିଲି ସେ ଦଳରେ ।

କେତେ ମିନିଟ୍ ଭିତରେ ଡଙ୍ଗାଟି ଦ୍ୱୀପରେ ଲାଗିଲା । ଦ୍ୱୀପବାସୀଙ୍କଠାରୁ ଦୁର୍ବ୍ୟବହାର ଆଶଙ୍କା କରୁଥିଲୁ । କିନ୍ତୁ ସର୍ଦ୍ଦାର ରୋମାଡ୍ ବେଶ୍ ଭଲଭାବରେ ଆମକୁ ଅଭ୍ୟର୍ଥନା କଲା ଓ ଘରକୁ ଡାକିନେଲା । ଆଳାପ ଆଲୋଚନା ପରେ ଖିଆପିଆ ହେଲା । କପ୍ତାନ୍ ତା'ର ଆସିବା ଉଦ୍ଦେଶ୍ୟ ବୁଝାଇ କହିଲା– ପୂର୍ବକଥା ମନେପକାଇ ଆମ ପ୍ରତି କେହି ଯେପରି ଶତ୍ରୁତା ନ କରନ୍ତି । ଏଣିକି ପୂର୍ବପରି ବ୍ୟବସାୟ ଚାଲିବ ।

ସର୍ଦ୍ଦାର ରୋମାଡ୍ କହିଲା ଯେ ସେ ପୂର୍ବର ଘଟଣା ସଂପୂର୍ଣ୍ଣ ଭୁଲିଯାଇଛି । ଏତେ ଦିନ ପରେ ପୁରାତନ ବନ୍ଧୁମାନଙ୍କୁ ଦେଖି ସେ ଆନନ୍ଦିତ । ଚନ୍ଦନକାଠ କାଟିବାରେ ଏବଂ ଜାହାଜରେ ବୋଝେଇ କରିବାରେ ସେ ସବୁମତେ ସାହାଯ୍ୟ କରିବ । ଏହାପରେ ବ୍ୟବସାୟ କଥାବାର୍ତ୍ତା ତୁଟିଲା ।

ତା' ପରଦିନ ନାବିକମାନେ ଚନ୍ଦନବଣକୁ କାଠ କାଟିବାକୁ ଗଲେ ଏବଂ କମାଣର ମୁହଁଟା ସର୍ଦ୍ଦାର ଘରଆଡ଼କୁ ଲକ୍ଷ୍ୟକରି ଦି'ଜଣଙ୍କୁ ସାଙ୍ଗରେ ଧରି କପ୍ତାନ୍ ପ୍ରସ୍ତୁତ ହୋଇ ରହିଲା । କପ୍ତାନର ଆଦେଶରେ ନାବିକମାନଙ୍କ ସାଙ୍ଗରେ ମୋତେ ଯିବାକୁ ପଡ଼ିଲା । ଆମେ ଚାଲିଲୁ ଦ୍ୱୀପ ଭିତରେ । ପ୍ରବାଳ ଦ୍ୱୀପ ପରି ଦିଶୁଚି । ଅଧମାଇଲିଏ ଯିବାପରେ ଆମେ ଚନ୍ଦନବଣରେ ପହଞ୍ଚିଲୁ । ଦୁଇପ୍ରହର ଆଡ଼କୁ ସର୍ଦ୍ଦାର କେତେଜଣଙ୍କୁ ସାଙ୍ଗରେ ନେଇ ଆମ ପାଖକୁ ଆସିଲା । ଆମପାଇଁ ସେ କିଛି ଖାଦ୍ୟ ଆଣିଥିଲା । ଗୋଟାଏ ବଡ଼ ଗଛ ତଳେ ବସି ଖିଆପିଆ କଲୁ । ସର୍ଦ୍ଦାର ମଧ୍ୟ ଖାଇଲା ।

ବିଲ୍ କହିଲା– ଗୋଟାଏ ଦେବତା ଦେଖିବ ତାଙ୍କର– ଆସ ମୋ ସାଙ୍ଗରେ ।

ବିଲ୍ ମୋତେ ସାଙ୍ଗରେ ନେଇଗଲା । ଗୋଟାଏ ପିଲାକୁ ସେ କ'ଣ କହିଲା । ପିଲାଟା ଗୋଟିଏ ପୋଖରୀ ପାଖକୁ ଯାଇ ଶୁଖୁରି ମାରିଲା । ସାଙ୍ଗେ ସାଙ୍ଗେ ଗୋଟିଏ ବଡ଼ ଇଲ୍ ପାଣି ଉପରକୁ ମୁଣ୍ଡ ଟେକିଲା । ପିଲାଟି ତା'ଉପରେ ହାତ ରଖିଲା । ଇଲ୍‌ଟା ବାରଫୁଟ ଲମ୍ବ ଏବଂ ଗୋଟିଏ ବଡ଼ ମଣିଷର ଜଙ୍ଘପରି ମୋଟା ।

Digitized by srujanika@gmail.com

ଘୃଣାରେ ବିଲ୍ କହିଲା— ଏଇଟି ଏମାନଙ୍କର ଦେବତା ? ଏ ଭିତରେ ସେ କେତେ ଶିଶୁଙ୍କୁ ଯେ ଉଦରସ୍ଥ କରିଛି ତା'ର ହିସାବ ନାହିଁ ଓ ଭବିଷ୍ୟତରେ ଯେ କେତେ ଜୀବନ ନେବ ତାହାର କିଛି ଠିକ୍ ଠିକଣା ନାହିଁ ।

ମୁଁ କହିଲି— କିନ୍ତୁ ଏହା କ'ଣ ସମ୍ଭବ ? ସେମାନେ ଆପତ୍ତି କରନ୍ତି ନାହିଁ ?

ବିଲ୍— ଆପତ୍ତି କ'ଣ କରିବେ— ସେମାନେ ନିଜର ଶିଶୁମାନଙ୍କୁ ନେଇ ଏହା ମୁହଁରେ ପକାଇଦିଅନ୍ତି । ଏପରି କିଛି ନିଷ୍ଠୁର ବୀଭତ୍ସ କାମ ନାହିଁ ଯାହା ଏମାନେ କରିପାରିବେନାହିଁ ।

× × × ×

ତା' ପରଦିନ ଯେତେବେଳେ ନିଦ ଭାଙ୍ଗିଲା ଦେଖିଲି ଯେ ଦିହଟା ଖୁବ୍ କ୍ଲାନ୍ତ ଲାଗୁଛି । ମୋର ଚାରିପଟେ ଯେଉଁମାନେ ଅଛନ୍ତି ସେମାନେ ନରହତ୍ୟା କରିବାରେ କୁଣ୍ଠା ପ୍ରକାଶ କରନ୍ତି ନାହିଁ । ଏଇ ବିଲ୍ ବି କ'ଣ କମ୍ ? ଦ୍ୱୀପର ଅଧିବାସୀଗୁଡ଼ାକ ମଣିଷଖିଆ ଜାନୁଆର୍ । ମୁକ୍ତିର ସାମାନ୍ୟ ସୁଯୋଗ ଏମାନଙ୍କଠାରୁ ମିଳିବ ନାହିଁ । ମୁଁ କପ୍ତାନ୍‌କୁ ଦେହର ଅବସ୍ଥା କଥା କହି କାଠକାଟିବାକୁ ଯିବାକୁ ମନାକଲି । କପ୍ତାନ୍ ମଙ୍ଗିଲା ନାହିଁ । ରୋମାଟ୍ ସାଙ୍ଗରେ ତା'ର କ'ଣ ଗଣ୍ଡଗୋଳ ହୋଇଛି ।

ପୂର୍ବଦିନ ଭଳି ଚନ୍ଦନବଣକୁ ଗଲି । ଯିବା ପୂର୍ବରୁ କପ୍ତାନ ମତେ ତା' କେବିନ୍‌କୁ ଡାକିନେଇ କହିଲା— ତୁମକୁ ଗୋଟିଏ କାମ ଦେଉଛି । ସଇତାନ୍ ରୋମାଟ୍ ଅମଙ୍ଗ ହେଉଛି । କିଛି ଭେଟି ନ ପାଇଲେ ଶାନ୍ତ ହେବନାହିଁ । ତୁମେ ତିମିର ଏ ଦାନ୍ତଗୁଡ଼ିକ ନିଅ ତାକୁ ଉପହାର ଦେବ । ତାଙ୍କ ଭାଷା ଜାଣିଥିବା ଗୋଟିଏ ଲୋକକୁ ସାଙ୍ଗରେ ନେଇଯାଅ ।

ଆଠଟି ତିମି ଦାନ୍ତ— ଛଅଟି ଧଳା ଓ ଦୁଇଟି ଲାଲ । ଯା' ହେଉ କିଛି ନକହି ମୁଁ ଦାନ୍ତଗୁଡ଼ିକ ଉଠାଇନେଲି ଓ ବିଲ୍‌କୁ ସାଙ୍ଗରେ ନେଇ ସର୍ଦ୍ଦାରର ଘର ଆଡ଼କୁ ଚାଲିଲି । ତିମିର ଦାନ୍ତ କିପରି ଉପହାର ଦ୍ରବ୍ୟ ହୋଇପାରେ ବୋଲି ବିଲ୍‌କୁ ପଚାରିବାରୁ ସେ କହିଲା— ତୁମ ଓ ମୋ ନିକଟରେ ଏହା ଯେତେ ସାମାନ୍ୟ ହେଉନା କାହିଁକି ଏଗୁଡ଼ିକ ସେମାନଙ୍କ ନିକଟରେ ବହୁମୂଲ୍ୟ ରତ୍ନ । ମୁଦ୍ରାଭଳି ସେମାନେ ଏଗୁଡ଼ିକ ବ୍ୟବହାର କରନ୍ତି । ଲାଲ ଦାନ୍ତଗୁଡ଼ିକର ମୂଲ୍ୟ ଅଧିକ । ଗୋଟିଏ ଲାଲ ଦାନ୍ତର ମୂଲ୍ୟ କୋଡ଼ିଏଟା ଧଳାଦାନ୍ତ ସହିତ ସମାନ । ଏ ଦାନ୍ତ ସଂଗ୍ରହ କରିବା କଠିନ ବୋଲି ବୋଧହୁଏ ଏଗୁଡ଼ିକ ତାଙ୍କ ପକ୍ଷରେ ଏତେ ମୂଲ୍ୟବାନ୍ ।

ରୋମାଟ୍ ଆମକୁ ଭଲଭାବରେ ଗ୍ରହଣ କଲାନାହିଁ । ବିଲ୍ ନିକଟରୁ ଆମ ଆଗମନର ଉଦ୍ଦେଶ୍ୟ ଶୁଣି ତା' ଆଖିରେ ଆନନ୍ଦର ଦୀପ୍ତି ଫୁଟିଉଠିଲା । ମନର

Digitized by srujanika@gmail.com

ଭାବ ଗୋପନକରି ଓ ତିମିର ଦାନ୍ତଗୁଡ଼ିକ ମୋଠାରୁ ରଖି ରୋମାଟ୍ କହିଲା– ତମର କପ୍ତାନକୁ କୁହ ଯେ ଆଜିପାଇଁ କାଠ କାଟିବାକୁ ଅନୁମତି ଦେଉଛି ।

ସେଦିନ ସଞ୍ଜରେ କପ୍ତାନର ଉତ୍ତେଜିତ କଥା ଶୁଣି ଠିଆହେଲି । ମେଟ୍ ସାଙ୍ଗରେ କଳିହେଉଛି । କାନପାତି ଶୁଣିଲି । ସେ କହୁଥାଏ– "ମୁଁ ପସନ୍ଦ କରେନାହିଁ ଏସବୁ । କାମବେଳେ ଆମେ କାମ କରୁଛୁ, ଅଥଚ ଲାଭବେଳକୁ କିଛି ନାହିଁ । ତମେ କ'ଣ କହୁଛ ଏତେ ଯେ କାଠ ଜାହାଜରେ ରଖୁଛୁ ଏହାର କୌଣସି ମୂଲ୍ୟ ନାହିଁ ?"

ମେଟ୍ କହିଲା– ବେଶ୍, ଏଗୁଡ଼ାକୁ ଖୋସାମତ୍ କରୁଛ କାହିଁକି ?

କପ୍ତାନ– କ'ଣ କହୁଛ ତମେ– ସବୁ ମାଲ କ'ଣ ଜାହାଜରେ ଉଠିଛି ? ଏବେବି ଯଥେଷ୍ଟ କାଠ ପଡ଼ିଛି । ସଇତାନ ସର୍ଦ୍ଦାର ସେ କଥା ଜାଣେ । ସେ ଆଜି ଜଣେଇଦେଇଛି ଯେ ସେଗୁଡ଼ାକ ମୋତେ ନେବାକୁ ଦେବନାହିଁ ।

ମେଟ୍ କହିଲା– ଆଚ୍ଛା, ସେ କ'ଣ ଜାଣେନା ଯେ କାହା ସାଙ୍ଗରେ ସେ କାରବାର କରୁଛି ?

କପ୍ତାନ– ଅଥଚ ତାକୁ ଆକ୍ରମଣ କରିବାକୁ ଭୟ କରୁଛ ?

ମେଟ୍– ମୁଁ ବର୍ତ୍ତମାନ ଆକ୍ରମଣ କରିବାକୁ ପ୍ରସ୍ତୁତ । କପ୍ତାନ, ତମର ଅସଲ ଉଦ୍ଦେଶ୍ୟଟି କ'ଣ କହିଲ ?

କପ୍ତାନ– ଚନ୍ଦନ୍‌ବଣ ପାଖରେ ଗୋଟିଏ ନଦୀ ଅଛି । ସେହି ନଦୀର ମୁହାଣ ବାଟରେ ଜାହାଜଟା ଦ୍ୱୀପ ଭିତରକୁ ନେଇ ଡଙ୍ଗାରେ କୂଳରେ ଓହ୍ଲାଇବା । ଦି'ଜଣକୁ ଡଙ୍ଗାରେ ରଖି ସମସ୍ତେ ବନ୍ଧୁକ ନେଇ କାଠଗୁଡ଼ିକ ଅଧିକାର କରିବା । ଡଙ୍ଗାରେ ଥିବା ଦି'ଜଣ ଏପରି ଭାବରେ ପ୍ରସ୍ତୁତ ଥିବେ ଯେ ଆମେ ଫେରିବାମାତ୍ରକେ ଡଙ୍ଗା ଛାଡ଼ିଦେବେ । ବଣ ଆଡୁଆଳରେ ଛପିଛପିକା ସେମାନଙ୍କ ଆଡ଼କୁ ଯାଇ ଗୁଳିକରିବା । ଚାଳିଶ-ପଚାଶଜଣ ମରିଗଲେ ଆଉ ସବୁ ଭୟରେ ପଳାଇଯିବେ । ସେମାନେ ପଳାଇଗଲେ ଆମେ କାଠତକ ଡଙ୍ଗାରେ ନେଇ ପଳାଇବା ।

ମେଟ୍ ଏ ପ୍ରସ୍ତାବରେ ରାଜିହେଲା । ମୁଁ ବିଲ୍‌କୁ ତତ୍‌କ୍ଷଣାତ୍ ସବୁକଥା କହିଲି । ସେ ଅନେକ ସମୟ ଚିନ୍ତା କରି କହିଲା– "ଆମର ଉଦ୍ଦେଶ୍ୟଟା କ'ଣ ଶୁଣ । ଅନ୍ଧକାର ହେବାପରେ ମୁଁ ପହଁରି ପହଁରି କୂଳକୁ ଯିବି । ଯେଉଁଠାରେ ଆମେ ଡଙ୍ଗାରୁ ଓହ୍ଲେଇବା କଥା ହୋଇଛି ତା' ପାଖରେ ଗୋଟାଏ ଗଛରେ ବନ୍ଧୁକଟିଏ ବାନ୍ଧିଦେବି । ବନ୍ଧୁକର ଟ୍ରିଗାର ସହିତ ଗୋଟିଏ ଦଉଡ଼ି ବନ୍ଧାରହିବ । ଆମ ସାଙ୍ଗମାନେ ଯାଉଁ ଯାଉଁ ଦଉଡ଼ିରେ ଝୁଣ୍ଟିପଡ଼ିଲେ ବନ୍ଧୁକଟା ଫୁଟିଉଠିବ ଓ ସେ ଶବ୍ଦରେ ଦ୍ୱୀପବାସୀମାନେ ସତର୍କ ହୋଇଉଠିବେ । ଏତିକିବେଳେ ଆମେ ଦି'ଜଣ ଡଙ୍ଗାରେ ଫେରିଆସିବା ।" କଥାଟା କହି ବିଲ୍ ମନଖୋଲା ହସଟିଏ ହସିଲା । ତା'ପରେ କହିଲା– "ଅନ୍ତତଃ

Digitized by srujanika@gmail.com

ତୁମେ ଥରେହେଲେ କହିବ ଯେ ରାଲ୍‌ଫ, ବିଲ୍ ସାହାଯ୍ୟରେ ଶିକାରୀ ହାତରୁ ନିଜକୁ ରକ୍ଷା କରିପାରିଛ ।''

ସଞ୍ଜ ହେଲା । ବିଲ୍ ଦ୍ୱୀପକୁ ଯାଇ ତା'ର କାମ କରି ପୁଣି ଫେରିଆସିଲା । ରାତି ଗଭୀରହେବା ପରେ କପ୍ତାନର ନିର୍ଦ୍ଦେଶରେ ଜଣ ଜଣ କରି ସମସ୍ତେ ଜାହାଜରୁ ଡଙ୍ଗାକୁ ନିଃଶବ୍ଦରେ ଓହ୍ଲାଇଲେ । ଡଙ୍ଗାଟି ଦ୍ୱୀପର କୂଳରେ ଭିଡ଼ିବାପରେ ମେଟ୍ ଚୁପ୍ କରି କହିଲା– ''ରାଲ୍‌ଫ ଏକା ଥାଉ ଡଙ୍ଗାରେ– ବାକି ସମସ୍ତେ ଚାଲ ।'' କପ୍ତାନ ରାଜିହେଲା । ମୋତେ ପ୍ରସ୍ତୁତ ରହିବାକୁ କହି ସେମାନେ ଆଗେଇଲେ ।

କମ୍ପିତ ହୃଦୟରେ କାନପାତି ରହିଲି ଶବ୍ଦଟା ଶୁଣିବା ପାଇଁ, କାରଣ ବନ୍ଧୁକଟା ଯେଉଁଠି ଥିଲା ଶୁଣିଥିଲି । କିଛି ସମୟ ପରେ ନିଆଁ ଦେଖିଲି, କିନ୍ତୁ ଶବ୍ଦ ହେଲାନାହିଁ । ବନ୍ଧୁକଟା ଏତେ ବଡ଼ ଆଶା ବ୍ୟର୍ଥ କଲା । ଅନ୍ଧକାର ଭିତରେ ଡଙ୍ଗାରେ ଚଢ଼ି ଅପେକ୍ଷାରେ ରହିଲି ।

ହଠାତ୍ ଗୋଟିଏ ବନ୍ଧୁକର ଶବ୍ଦ ପରେ ପରେ ଗାଁରୁ ଭାସିଆସିଲା ହଜାର ହଜାର କଣ୍ଠର ବିକଟ ଚିତ୍କାର । ରାତ୍ରିର ନିସ୍ତବ୍ଧତା ଭେଦକରି ସେ ଆର୍ତ୍ତଚିତ୍କାର ଆହୁରି ଅଧିକରୁ ଅଧିକ ସ୍ପଷ୍ଟ ହେବାକୁ ଲାଗିଲା । ପଳାତକ ମଣିଷର ପାଦ ଶବ୍ଦ ଶୁଭୁଛି । ଏତିକିବେଳେ ଏକ ପାଟି ଶୁଭିଲା । ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ବନ୍ଧୁକ ମାରିବାପାଇଁ ଆଦେଶ । ସଙ୍ଗେ ସଙ୍ଗେ ବନ୍ଧୁକଗୁଡ଼ିକ ଗର୍ଜିଉଠିଲା ଓ ସେଇ ଶବ୍ଦରେ ବନଭୂମି କମ୍ପିଉଠିଲା । ଶବ୍ଦର ଗତି ଅନୁସରଣକରି ବୁଝିଲି ଯେ ଆମ ଦଳ ଶତ୍ରୁମାନଙ୍କୁ ସମୁଦ୍ର ଆଡ଼କୁ ତଡ଼ିନେଉଛନ୍ତି ।

ହଠାତ୍ ଖସ୍ ଖସ୍ ଶବ୍ଦ ଶୁଣି ଦେଖିଲି ଯେ ଦଳ ଦଳ ଦ୍ୱୀପବାସୀ ବଣଜଙ୍ଗଲ ଭେଦକରି ଯୁଦ୍ଧକ୍ଷେତ୍ରକୁ ଅଗ୍ରସର ହେଉଛନ୍ତି । ଏମାନେ ପଛରୁ ଆକ୍ରମଣ କରିବେ । ପୁଣି ଭୀଷଣ ଚିତ୍କାର ଶୁଭିଲା । ଦ୍ୱୀପବାସୀମାନଙ୍କର ଆନନ୍ଦଧ୍ୱନି ଶୁଣି ମନେହେଲା ସେମାନଙ୍କର ଜୟହୋଇଛି । କ'ଣ କରିବି ବୋଲି ଭାବୁଛି—ଜଙ୍ଗଲକୁ ଯିବି ନା ଜାହାଜକୁ ଯିବି ? ଆହୁଲାଟା ଉଠାଇ ନେବାକୁ ଯାଉଛି ଏ ସମୟରେ ଏକ ବିକଟ ଚିତ୍କାର ମୋ କାନକୁ ଆସିଲା । ମୁଁ ଭୟରେ ଡଙ୍ଗାଟିକୁ ପାଣିକୁ ପେଲିଦେଲି । ଦେଖିଲି କିଏ ଜଣେ ଆସି ଡଙ୍ଗାରେ ଚଢ଼ି ଆତଙ୍କିତ ହୋଇ କହିଲା– ଚଲାଅ ରାଲ୍‌ଫ, ଚଲାଅ !

ଏ ଯେ ବିଲ୍‌ର କଣ୍ଠସ୍ୱର ! କଥା କହିବାକୁ ସମୟ ନାହିଁ । ଦି'ଜଣ ପ୍ରାଣପଣେ ଡଙ୍ଗା ଚଳେଇଲୁ । ଜାହାଜ ଉପରେ ଚଢ଼ି ଜାହାଜର ମୁହଁଟା ସମୁଦ୍ର ଆଡ଼କୁ ବୁଲାଇ ଜୋର୍‌ରେ ଆହୁଲା ମାରିଲୁ । ହଜାର ହଜାର କଣ୍ଠର ଚିତ୍କାର ଶୁଣି ମନେହେଲା ସେମାନେ ଆମକୁ ଦେଖିଛନ୍ତି । ଦଳେ ପାଣିରେ ଝାମ୍ପ ଦେଲେ । ଆମେ ପ୍ରାଣପଣେ

Digitized by srujanika@gmail.com

ଆହୁଲା ମାରିବାକୁ ଲାଗିଲୁ । ସମସ୍ତେ ପଛରେ ପଡ଼ିଗଲେ, କିନ୍ତୁ ଜଣେ ଆସି ଜାହାଜର ଦଉଡ଼ିଟା ଧରିପକାଇଲା ।

ବିଲ୍ ତାକୁ ଲକ୍ଷ୍ୟକରିଥିଲା । ସେ ଜୋର୍‌ରେ ଆହୁଲା ମାରିବାକୁ ଲାଗିଲା । ଲୋକଟା ପାଖକୁ ଆସିବାରେ ବିଲ୍ ତାହାକୁ ଗୋଟାଏ ପ୍ରଚଣ୍ଡ ଘୁସି ଲଗାଇ ପାଣିକୁ ଖସାଇଦେଇ ପୁଣି ଆହୁଲା ଧରିଲା । ଅସଭ୍ୟ ଆଦିବାସୀଗୁଡ଼ାକ ଜାହାଜ ଆଡ଼କୁ ଆଗେଇ ଆସୁଛନ୍ତି । ମୁହାଣଟା ବନ୍ଦକଲେ ତ ଆମ ବୁଦ୍ଧି ସରିଲା ! ବିଲ୍ ତତ୍‌କ୍ଷଣାତ୍ କମାଣର ମୁହଁଟା ଆମକୁ ଗୋଡ଼ାଉଥିବା ଲୋକମାନଙ୍କ ଆଡ଼କୁ ଲକ୍ଷ୍ୟକରିଦେଲା । ତା'ପରେ ପିସ୍ତଲର ଟ୍ରିଗାରଟା ଟିପିଦେଲା କମାଣର ନିଆଁ ଲଗାଇବା ଜାଗାରେ । ସଙ୍ଗେ ସଙ୍ଗେ କାନଫଟା ଶବ୍ଦ କରି କମାଣଟା ଗର୍ଜିଉଠିଲା । ମନେହେଲା ଦ୍ୱୀପର ପାହାଡ଼ଗୁଡ଼ାକ ଯେପରି ଭାଙ୍ଗି ଚୂରମାର୍ ହୋଇଯାଉଛି ।

ଆଉ କିଛି କରିବା ଦରକାର ପଡ଼ିଲା ନାହିଁ । ଏ ଭିତରେ ଆମେ ସେହି ବିପଜ୍ଜନକ ମୁହାଣ ଅତିକ୍ରମ କରି ଆସି ସମୁଦ୍ରରେ ପ୍ରବେଶକଲୁଣି । ପବନ ଲାଗି ଜାହାଜର ପାଲଗୁଡ଼ିକ ଫୁଲିଉଠିଲା । ଦ୍ୱୀପର ଅଧିବାସୀମାନଙ୍କର ହତାଶ ଚିତ୍କାର କ୍ରମେ ଅସ୍ପଷ୍ଟ ହେବାକୁ ଲାଗିଲା । ଭୀଷଣ ପରିଶ୍ରମ ଓ ଉତ୍ତେଜନାରେ କ୍ଳାନ୍ତ ହୋଇ ମୁଁ ଡେକ୍ ଉପରେ ଅଜ୍ଞାନ ହୋଇ ପଡ଼ିରହିଲି ।

× × × ×

ବିଲ୍ କହିଉଠିଲା— ରାଲ୍‌ଫ, ଉଠ ! ତମର ଆଉ ଭୟନାହିଁ । ଆମେ ବର୍ତ୍ତମାନ ସମ୍ପୂର୍ଣ୍ଣ ନିରାପଦ ।

ମୋଠାରୁ କୌଣସି ଉତ୍ତର ନପାଇ ସେ ପାଖକୁ ଆସି ଦେଖିଲା ଯେ ମୁଁ ଜ୍ଞାନ ହରାଇ ପଡ଼ିଛି । ସେ ମୋତେ ଉଠାଇନେଇ ଯତ୍ନରେ ଶୁଆଇଦେଲା । ତା'ପରେ କ'ଣ ଗୋଟାଏ ପାନୀୟ ମୋ ମୁହଁରେ ଢାଳି କହିଲା— ''ଏଇଟି ଖାଅ, ଶରୀର ସୁସ୍ଥ ହୋଇ ଉଠିବ ।''

ମୋର ଜ୍ଞାନ ଫେରିଆସିବ— ବିଲ୍ ମୁହଁରୁ ଏ ପ୍ରକାର ମିଠାକଥା ଶୁଣି ମୁଁ ଆଶ୍ଚର୍ଯ୍ୟହେଲି, କାରଣ ଏହା ପୂର୍ବରୁ ସେ କେବେହେଲେ ଏପରି ଭାବରେ କଥା କହିବାର ଶୁଣିନାହିଁ ।

ପାନୀୟଟି ପିଇ ଶୋଇପଡ଼ିଲି । ନିଦ ଭାଙ୍ଗିବାପରେ ଦେଖିଲି ଯେ ବହୁତ ବେଳ ହେଲାଣି । ବିଶ୍ରାମ ପରେ ଦେହଟା ଭଲଲାଗିଲା ଏବଂ ଶୋଇ ଶୋଇ ଅଳସ ଉପଭୋଗ କରିବାକୁ ଲାଗିଲି । ହଠାତ୍ ବିଲ୍‌କୁ ଦେଖି ସଚେତନ ହୋଇଉଠିଲି ।

Digitized by srujanika@gmail.com

ପାଲଟଣା ଖୁଣ୍ଟଟାକୁ ଧରି ବିଲ୍ ନିସ୍ତବ୍ଧରେ ବସିଛି । ସେ ଏପରି ଭାବରେ ବିଶ୍ରାମ କରୁଥିବା ଦେଖି ତାକୁ ଆଉ ବିରକ୍ତ କଲିନାହିଁ । ସେ କିନ୍ତୁ ଜାଣିପାରି ପଚାରିଲା– ରାଲ୍ଫ ଉଠିଛ ?

ବିଲ୍‌ର ଚେହେରା ଦେଖି ମୁଁ ଚମକିପଡ଼ିଲି । ତା'ର ମୁହଁ ଆଖି ଶେତା ପଡ଼ିଯାଇଛି । ମୁଣ୍ଡର ଝାଙ୍କଲା କେଶରେ ମେଞ୍ଚା ମେଞ୍ଚା ରକ୍ତ । ଉଦ୍‌ବିଗ୍ନ ହୋଇ ପଚାରିଲି– "ବିଲ୍, ତମ ଦେହରେ ରକ୍ତ କେଉଁଠୁ ଆସିଲା ?"

କରୁଣ କଣ୍ଠରେ ବିଲ୍ କହିଲା– "ହଁ ରାଲ୍ଫ, ରକ୍ତ ! ମୁଁ ଜଖମ୍ ହୋଇଛି– ବେଶ୍ ଜଖମ୍ ଲାଗିଛି । ତମର ନିଦ ଭାଙ୍ଗିବା ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିଥିଲି ।" କେବିନ୍‌ର ଲକର୍‌ରୁ ଆଣି କିଛି ରୋଟି ଏବଂ ବ୍ରାଣ୍ଡି ଦେଲା । କହିଲା ବିଲ୍ ତମେ ଏଡ଼େ ଶାନ୍ତିରେ ଶୋଇଥିଲ ଯେ ତୁମକୁ ଉଠାଇବାକୁ ଇଚ୍ଛା ହେଲାନାହିଁ ।"

ମୁଁ ଶୋଇଥିବା ସ୍ଥାନରେ ବିଲ୍ ଶୋଇପଡ଼ିଲା । ବିସ୍କୁଟ ଓ ବ୍ରାଣ୍ଡି ଆଣି ତାକୁ ଦେଲି । ତାହା ଖାଇ ସେ ଯେପରି କିଛିଟା ଆରାମ ବୋଧକଲା ଏବଂ କିଛି ସମୟ ପରେ ଗଭୀର ନିଦରେ ଶୋଇପଡ଼ିଲା ।

ଘଣ୍ଟାଏ ପରେ ବିଲ୍ ଉଠି କହିଲା– "ମୋତେ କିଛିଟା ଭଲଲାଗୁଛି ରାଲ୍ଫ– ମୋ ଦେହରେ ଦୁଇଗୁଣ ଶକ୍ତି ଫେରିଆସିଛି ।" ସେ ଉଠିବାକୁ ଚେଷ୍ଟାକଲା, ମାତ୍ର ଅସହ୍ୟଯନ୍ତ୍ରଣାରେ ଚିତ୍କାର କରି ପୁଣି ପଡ଼ିଗଲା ।

ମୁଁ କହିଲି– ହଲ୍‌ଚଲ୍ ହୁଅନା ବିଲ୍ । ଚୁପ୍‌କରି ଶୋଇପଡ଼– ତୁମେ କିପରି ଆଘାତ ପାଇଛ ଦେଖେଁ ! ଡେକ୍ ଉପରେ ତମପାଇଁ କୋମଳ ବିଛଣା କରିଦେଉଛି । ତମେ ସକାଳର ଜଳଖିଆଟା ଖାଇନିଅ, ତା'ପରେ ତମ ପାଖରେ ବସି ସବୁ କଥା ଶୁଣିବି ।

ବିଲ୍ ହତାଶରେ ମୁହଁ ବୁଲାଇନେଲା । ମୁଁ କହିଲି– ତମେ ଭଲହୋଇଯିବ ବିଲ୍; ଭୟକରନାହିଁ । ମୁଁ ଡାକ୍ତର ନୁହେଁ ସତ, କିନ୍ତୁ କିପରି ଚମତ୍କାର ସେବାକରିପାରେ ଶୀଘ୍ର ଦେଖିବ ।

ରୋଷେଇଘରକୁ ଯାଇ ଅଣ୍ଡା ଓ ଅନ୍ୟ ଶାକସବଜିର ଗୋଟାଏ ତରକାରି କରି ନେଇଆସିଲି । ବିଲ୍ ତାହା ଖାଇ ତୃପ୍ତ ହେଲା । ତା'ର କ୍ଷତକୁ ଲକ୍ଷ୍ୟକଲି । ଛାତିର ଡାହାଣ ପଟରେ ପିସ୍ତଲର ଗୁଳି ଲାଗିଛି । ରକ୍ତ ବେଶି ବାହାରିନି । ଆଶାହେଲା ଯେ ଆଘାତଟା ମାରାତ୍ମକ ହୋଇନାହିଁ । ବିଲ୍ କିନ୍ତୁ ମୁଣ୍ଡ ହଲାଇ କହିଲା– ସେ ଯା' ହେଉ, ତମେ ବସ । ତମକୁ ସବୁ କହେ ।

ବିଲ୍ କହିଲା– ତୁମେ ଜାଣ ରାଲ୍ଫ ସେ ବନ୍ଧୁକର କଥା । କେଉଁଠି ଥିଲା ତାହା ମଧ୍ୟ ତୁମକୁ କହିଛି । ଡଙ୍ଗାରୁ ଓହ୍ଲାଇ ଆମେ ସେ ପଟେ ଗଲୁ । ଦଉଡ଼ିରେ ଚାପ ପଡ଼ିଲା, ଟ୍ରିଗାର ଚାଲିଲା କିନ୍ତୁ ବନ୍ଧୁକଟା କାମ କଲାନାହିଁ । ତେଣୁ ଗୋପନରେ

Digitized by srujanika@gmail.com

ବନ୍ଧୁକଟି ପାଖକୁ ଯାଇ ଟ୍ରିଗାରଟି ଆଉ ଥରେ ଟିପିଲି । ଏହା ପରେ ପଳାଇବାକୁ ବାହାରିଛି ଏତିକିବେଳେ କପ୍ତାନ୍‌କୁ ଭେଟିଲି । ''ସଇତାନ, ତୁ ନିଶ୍ଚୟ କୌଣସି ମତଲବ ରଖି ଏହା କରିଛୁ ।'' —କହୁ କହୁ ମୋ ଛାତିକୁ ଲକ୍ଷ୍ୟକରି ସେ ଗୁଳିକଲା । ମୁଁ ଅଜ୍ଞାନ ହୋଇ କିଛି କାଳ ପଡ଼ିରହିଲି । ତା'ପ୍ରରେ ଭୀଷଣ ଚିତ୍କାରରେ ମୋର ଆଚ୍ଛନ୍ନ ଭାବ କଟିଗଲା । ଚାରିଆଡ଼କୁ ଅନାଇଲି । ଗଛଲତାର ଫାଙ୍କ ଭିତରେ

ଦେଖିଲି ଯେ ଏକ ବିରାଟ ଅଗ୍ନିକୁଣ୍ଡ ପାଖରେ ଆମ ଦଳର କେତେଜଣ ହାତଗୋଡ଼ ବନ୍ଧା ଅବସ୍ଥାରେ ଗୋଟାଏ ଗୋଟାଏ ଖୁଣ୍ଟ ଦେହରେ ବନ୍ଧାହୋଇଛନ୍ତି ଏବଂ ସେମାନଙ୍କୁ ଘେରି ଚାରିପଟେ ଆନନ୍ଦରେ ନାଚୁଛନ୍ତି ଦ୍ୱୀପର ଅଧିବାସୀମାନେ । ତା'ପରେ ଆମ ଭିତରେ ଓ ଆଦିବାସୀମାନଙ୍କ ଭିତରେ ଭୀଷଣ ଲଢ଼େଇ

Digitized by srujanika@gmail.com

ଆରମ୍ଭହୋଇଗଲା । ଏହି ସମୟରେ ଜଣେ ଲୋକ ଗୋଟାଏ ବଡ଼ ଛୁରା ଧରି କପ୍ତାନ୍ ପାଖକୁ ଯାଇ ଆଖିର ପଲକରେ କପ୍ତାନ୍‌ର ବୁକୁରେ ଛୁରାଟା ଆମୂଳ ବିଦ୍ଧକରିଦେଲା । ଏକ ବିକଟ ଚିତ୍କାରରେ ବଣଭୂଇଁ କମ୍ପିଉଠିଲା । ମୁଁ ଏହା ଦେଖି ଲେଶମାତ୍ର ବିଳମ୍ୱ ନକରି ଉଠି ଦୌଡ଼ିବାକୁ ଲାଗିଲି । ସେମାନେ ମୋତେ ଦେଖି ଗୋଡ଼ାଇଲେ, କିନ୍ତୁ ସେମାନଙ୍କ ହାତରେ ଧରାପଡ଼ିବା ପୂର୍ବରୁ ମୁଁ ଡଙ୍ଗାକୁ ଡେଇଁପଡ଼ିଲି । ତା' ପର ଘଟଣା ତମେ ଜାଣ ।

ବିଲ୍ କହିସାରି କ୍ଲାନ୍ତ ହୋଇପଡ଼ିଲା ଓ ଅନେକ ସମୟ ପର୍ଯ୍ୟନ୍ତ ଥରିବାକୁ ଲାଗିଲା । ମୁଁ କହିଲି– ବିଲ୍, ଏବେ ଆମର ଭବିଷ୍ୟତ କଥା ଚିନ୍ତା କରିବା ଦରକାର । ଆମେ କୁଆଡ଼େ ଯିବା ଠିକ୍ କରିବାକୁ ହେବ ।

ବିଲ୍ ଧୀରେ କହିଲା– ଠିକ୍ କହିଛ । ତେବେ ଯୁଆଡ଼େ ଗଲେ ବି ମୋର କ'ଣ ଯାଏ ଆସେ ? ମୋର ଶେଷ ସମୟ ଆସିଛି । ଯୁଆଡ଼େ ଖୁସି ତମେ ଯାଅ, ମୋର ଆପତ୍ତି ନାହିଁ ।

ମୁଁ କହିଲି– ତା'ହେଲେ ସେଇ ପ୍ରବାଳ ଦ୍ୱୀପକୁ ଯିବା । ବନ୍ଧୁ ଜେକ୍ ଓ ପିଟରକିନ୍ ପାଇଁ ମୁଁ ବଡ଼ ଉଦ୍‌ବିଗ୍ନ । ଦ୍ୱୀପଟାର ନାମ ନାହିଁ, କିନ୍ତୁ କପ୍ତାନ୍ ମୋତେ ତା'ର ଅବସ୍ଥିତିଟା ଦେଖାଇଦେଇଛି । ମୁଁ ଲକ୍ଷ୍ୟ କରିଛି– ସେହି ରାସ୍ତାରେ ଯାଇପାରିବା । ତମ ଦିହରେ ଖରା ନଲାଗିବା ପାଇଁ ଗୋଟାଏ ଆବରଣ ଦରକାର । ବିଲ୍, ତମେ ଯଦି ଦିନ ଭିତରେ ଦୁଇଘଣ୍ଟା ମଙ୍ଗ ଧରିପାରନ୍ତ ତେବେ ସେଇ ସମୟଟାରେ ମୁଁ ଟିକିଏ ଶୋଇ ବାକି ସମୟତକ ଆହୁଲା ମାରିପାରିବି । ତମେ ଯଦି ନପାରିବ ନଙ୍ଗର ପକାଇବା । ଏହିପରି ଭାବରେ ଆମେ ପ୍ରବାଳ ଦ୍ୱୀପରେ ପହଞ୍ଚିଯିବା ।

ସେ ମୃଦୁ ହସି କହିଲା– ଝଡ଼ ଉଠିଲେ କ'ଣ କରିବା ?

କିଛି ସମୟ ଚିନ୍ତା କରି ମୁଁ କହିଲି– ମଣିଷ ପକ୍ଷରେ ଯେତେ ଦୂର ଉଦ୍ୟମ କରାଯାଇପାରେ ତାହା କରିବା– ବାକିଟା ଈଶ୍ୱରଙ୍କ ହାତରେ ।

ଅସ୍ଥିର ଭାବରେ ଛଟପଟ ହୋଇ ବିଲ୍ କହିଲା– ତମଭଳି ମୁଁ ଯଦି ଈଶ୍ୱରଙ୍କ ପାଖରେ ଶରଣାଗତ ହୋଇପାରନ୍ତି ରାଲ୍‌ଫ ! ଅନେକଥର ମରଣକୁ ଉପେକ୍ଷା କରିଛି, ଅଥଚ ମୃତ୍ୟୁର ମୁହାଁମୁହିଁ ହୋଇ ଭୟରେ ବିହ୍ୱଳ ହୋଇପଡ଼ିଛି । ମୋର ବଡ଼ ଭୟ ହେଉଛି ରାଲ୍‌ଫ– ମୋର କୃତକର୍ମର ବିଚାର ହେବ ମୋର ମୃତ୍ୟୁ ପରେ ।

ମୁଁ ଦୁଃଖରେ କହିଲି– ସେ କଥା କୁହନା ବିଲ୍ । ବାଇବେଲ୍‌ର କଥାଗୁଡ଼ିକ ମୋର ଠିକ୍ ମନେପଡୁନାହିଁ ସତ, କିନ୍ତୁ ମୁଁ ଜାଣେ ଯେ ସେଥିରେ ଆଶାର ବାଣୀ ଅଛି । ଆମ ଜାହାଜରେ ବାଇବେଲ୍ ନାହିଁ ?

Digitized by srujanika@gmail.com

ବିଲ୍ କହିଲା– ''ନା, ଏକ ହତଭାଗ୍ୟ ବାଳକର ବାଇବେଲ୍‌ଟା ତା'ର ମୃତ୍ୟୁପରେ କପ୍ତାନ୍ ପାଣିରେ ପକାଇଦେଇଥିଲେ ।'' ଟିକିଏ ନୀରବ ରହି ବିଲ୍ ପୁଣି କହିଲା– ''ରାଲ୍‌ଫ, ମୁଁ ଅତି ଉଚ୍ଛୃଙ୍ଖଳ ଜୀବନ ଯାପନ କରିଛି । ପିଲାବେଳୁ ମୁଁ ନାବିକ କାମ କରିଆସିଛି, କିନ୍ତୁ ବାପାଙ୍କୁ ଛାଡ଼ି ଚାଲିଆସିବା ପରଠାରୁ ମୋର ଅବନତି ଘଟିଛି । ତିନିବର୍ଷ ହେଲା ଜଳଦସ୍ୟୁ ହୋଇ ନରହତ୍ୟାରେ ନିଜକୁ କଳୁଷିତ କରିଛି । ମୋ କଥା ଶୁଣିଲେ ତୁମେ ଆଶ୍ଚର୍ଯ୍ୟ ହେବ । ସେ କଥା ଥାଉ ।

ମୁଁ ସାନ୍ତ୍ୱନା ଦେଇ କହିଲି– ବିଲ୍, ବିଶ୍ୱାସ ରଖ, ତମର କଳୁଷିତ ଦେହ ମଧ୍ୟ ପବିତ୍ର ହେବ ।

ବିଲ୍ ନିରାଶରେ କହିଲା– ବିଶ୍ୱାସ... ଏ କଥା ଆଗରୁ ମଧ ବହୁବାର ଶୁଣିଛି । ହେଲେ ବିଶ୍ୱାସ ରଖିବା କ'ଣ ଏତେ ସହଜ !

ଉତ୍ତେଜନାରେ ବିଲ୍ ଆହୁରି ଦୁର୍ବଳ ହୋଇପଡ଼ିଲା । ଏକ ଆର୍ତ୍ତଚିତ୍କାର କରି ସେ ପୁଣି ଶୋଇପଡ଼ିଲା । ମୁଁ ତା' ପାଖରେ ବସିଲି । କେତେକ ମୁହୂର୍ତ୍ତ ପରେ ବିଲ୍ ମୋର ହାତ ଧରି କହିଲା– ଆଉ ଥରେ କଥାଟା ଶୁଣାଅ ରାଲ୍‌ଫ... ଆଉ ଥରେ ।

ମୁଁ ପୁଣି କହିଲି ।

ବିଲ୍ ପଚାରିଲା– ତମେ ଠିକ୍ ଭାବେ ଜାଣ ତ ବାଇବେଲରେ ଏହା ଅଛି ?

ମୁଁ କହିଲି– ହଁ ।

ହଠାତ୍ ଦମକାଏ ପବନ ଆସି ଜାହାଜଟିକୁ ଜୋର୍‌ରେ ଦୋହଲାଇଦେଲା । ମୁଁ ମଙ୍ଗ ପାଖକୁ ଗଲି । ଗୋଟାଏ ଖୁଣ୍ଟରେ ବିଲ୍‌ର ମୁଣ୍ଡଟା ବାଜିଗଲା । ଜାହାଜଟା ସମ୍ଭାଳିଲି । ପବନ କମିଯିବାରେ ବିଲ୍ ପାଖକୁ ଗଲି । ଦେଖିଲି ବିଲ୍‌ର ଦେହ ନିଶ୍ଚଳ । ତା'ର ମୁହଁରେ କିଛି ବ୍ରାଣ୍ଡି ଢାଳି ଚେତନା ଆଣିବାକୁ ଉଦ୍ୟମକଲି । ନା, ହେଲା ନାହିଁ । ତାର ମୁଣ୍ଡ ତଳୁ ହାତଟା ବାହାରକରି ଦେବାରେ ମୁଣ୍ଡଟା ତଳକୁ ଖସିପଡ଼ିଲା । ଛାତିରେ ହାତ ଦେଲି... ନା, ସ୍ପନ୍ଦନ ନାହିଁ । ମୋର ବନ୍ଧୁର ମୃତ୍ୟୁ ହୋଇଛି ।

× × × ×

ମୃତଦେହଟା ଆଡ଼କୁ ଅନାଇ ଏକ ଅଜଣା ଆତଙ୍କରେ ଥରିଉଠିଲି । ତା'ର ଅତୀତ କାହାଣୀ କଥା ଚିନ୍ତା କରୁ କରୁ ମୋର ବର୍ତ୍ତମାନର ଅବସ୍ଥା ସଂପର୍କରେ ସଚେତନ ହେଲି । ବିଶାଳ ପ୍ରଶାନ୍ତ ମହାସାଗର ବୁକୁରେ ମୁଁ ଏକୁଟିଆ । ଯେଉଁ ଜାହାଜ ଚଳାଇବାକୁ ଆଠଜଣ ନାବିକ ଦରକାର, ସେଠାରେ ଜାହାଜ ଚଳାଇବା ସମ୍ପର୍କରେ ସାମାନ୍ୟ ମାତ୍ର ଜ୍ଞାନ ନେଇ ମୁଁ ଏକାକୀ । ପର ଘଟଣାଗୁଡ଼ିକ କହି ପାଠକବନ୍ଧୁଙ୍କର ଧୈର୍ଯ୍ୟଚ୍ୟୁତି ଘଟାଇବାକୁ ଇଚ୍ଛା କରୁନାହିଁ । ଗୋଟିଏ କମାଣଗୋଳା

Digitized by srujanika@gmail.com

ବିଲ୍‌ର ଗୋଡ଼ ସାଙ୍ଗରେ ଭଲକରି ବାନ୍ଧି ଅତ୍ୟନ୍ତ ଭାରାକ୍ରାନ୍ତ ହୃଦୟରେ ମୁଁ ମୋର ଜୀବନଦାତାର ସଲୀଳ ସମାଧି ଶେଷ କଲି ।

ଜାହାଜଟି ପୂର୍ବ ବାୟୁରେ ଦ୍ରୁତବେଗରେ ପ୍ରବାଳଦ୍ୱୀପ ଅଭିମୁଖରେ ଚାଲିଥାଏ । ସପ୍ତାହେ ବିତିଗଲା । ମୁଁ ଚାରିଆଡ଼କୁ ଲକ୍ଷ୍ୟକଲି । କମ୍ପାସ ସହିତ କପ୍ତାନ୍‌ର ଚାର୍ଟଟିକୁ ମିଳାଇ ଜାଣିପାରିଲି ଯେ ପ୍ରବାଳ ଦ୍ୱୀପରେ ଶୀଘ୍ର ପହଞ୍ଚିବି । ପବନ ଦେଖି କଷ୍ଟରେ ପାଲ ଲଗାଇଲି । ଆହୁରି ଦ୍ରୁତଗତିରେ ଜାହାଜ ଚାଲିଲା । ବିଶ୍ରାମ ପ୍ରୟୋଜନ ଅନୁଭବ କରି ଗୋଟିଏ ଉପାୟ କଲି । ଡଙ୍ଗାଟା ଏପରି ଭାବରେ ବାନ୍ଧିଲି ଯେ ସେ ଆଡ଼କୁ ଦୃଷ୍ଟି ନଦେଲେ ମଧ୍ୟ ଜାହାଜଟି ଯେପରି ଠିକ୍ ଚାଲିବ ।

ଏଥିରେ ଯାହା ସମୟ ମିଳେ ସେଥିରେ ଖିଆପିଆ କରେ, ଏପରିକି ଦୁଇଘଣ୍ଟା ଶୋଇପଡ଼େ– ତେବେ ଭଲ ନିଦ ହୁଏନା । ନିଦରୁ ଉଠି କମ୍ପାସଟାକୁ ପରୀକ୍ଷାକରେ । ଝଡ଼ ଉଠିଲେ ରକ୍ଷା ମିଳିବନାହିଁ ।

ଇମିତି ଦୁଇସପ୍ତାହ ବିତିଗଲା । ଜାଣିଲି ପ୍ରବାଳ ଦ୍ୱୀପ ପାଖକୁ ଆସିଗଲିଣି । ଦେହରେ ଅପୂର୍ବ ଶିହରଣ ଖେଳିଗଲା । ଜାହାଜଟା ସାରା ଖୋଜି ଖୋଜି ଗୋଟିଏ ମାତ୍ର ବହି ପାଇଲି– 'କପ୍ତାନ୍ କୁକ୍‌ଙ୍କର ଅଭିଯାନ' । ବହିଟା ବେଶ୍ ଭଲ । ନୌଚାଳନା ସମ୍ପର୍କରେ ଓ ପୃଥିବୀର ବିଭିନ୍ନ ସମୁଦ୍ର ସମ୍ପର୍କରେ ଅନେକ ଜ୍ଞାନ ଏହି ବହିରୁ ମିଳିଲା । ଦୈନନ୍ଦିନ କାର୍ଯ୍ୟ ଏବଂ ବହି ପଢ଼ିବାରେ ଦିନଗୁଡ଼ିକ କଟିଗଲା ।

ଦିନେ ରାତିରେ ଦେଖିଲି ଯେ ସମୁଦ୍ର ଯେପରି ନୀଳନିଆଁର ଆଭାରେ ଚମକି ଉଠୁଛି । ଏହା ଭିତର ଦେଇ ଜାହାଜଟି ଚାଲିଛି । ବିସ୍ମୟ ଓ ଆତଙ୍କରେ ପ୍ରଥମେ ଚମକିପଡ଼ିଲି । ଫସ୍‌ଫରସ୍‌ର ଆଲୋକ ମୁଁ ଦେଖିଛି– କିନ୍ତୁ ଏ ଯେ ଦୁଧର ସମୁଦ୍ର !

ବାଲଟିଏ ପାଣି ନେଇ କେବିନ୍‌ରେ ପରୀକ୍ଷା କରିବାକୁ ଗଲି– କିନ୍ତୁ ଆଲୋକ ପଡ଼ିବା ମାତ୍ରେ ସେ ବର୍ଣ୍ଣ ଉଭେଇଗଲା, ଅଥଚ ଅନ୍ଧକାରରେ ତାହା ଜଳିଉଠିଲା । ହାତରେ ଧରିଲି– ଦେଖିଲି ହାତଟା ଜଳୁଛି ରାତିର ଅନ୍ଧକାରରେ ଅଥଚ ଲିଭିଯାଉଛି । ଶେଷରେ ପରୀକ୍ଷା କରି ଦେଖିଲି ଯେ ଜେଲି ଭଳି ଏକ ନରମ ସ୍ୱଚ୍ଛ ପଦାର୍ଥ ମୋ ହାତରେ ଚାଲିବୁଲୁଛନ୍ତି । ଖାଲି ଆଖିରେ ଏଗୁଡ଼ିକ ଦିଶୁନାହାନ୍ତି ।

ଚତୁର୍ଦ୍ଦଶ ଦିନରେ ଗୋଟାଏ ଶବ୍ଦ ଶୁଣି ମୋର ନିଦ ଭାଙ୍ଗିଗଲା । ଦେଖିଲି ଗୋଟାଏ ପ୍ରକାଣ୍ଡ ଆଲ୍‌ବାଟ୍ରାସ ଜାହାଜ ସାଙ୍ଗରେ ଉଡ଼ି ଚାଲିଛି । ଏଇଟିକୁ କ'ଣ ପେଙ୍ଗୁଇନ୍ ଦ୍ୱୀପରେ ଦେଖିଥିଲି ? ପକ୍ଷୀଟି ଦିନସାରା ରହି ରାତ୍ରିର ଅନ୍ଧକାରରେ କୁଆଡ଼େ ଅଦୃଶ୍ୟ ହୋଇଗଲା ।

ସେଦିନ ରାତିସାରା ଅଧୀର ଆଗ୍ରହରେ ସୂର୍ଯ୍ୟୋଦୟକୁ ଅପେକ୍ଷା କରିବାକୁ ଲାଗିଲି । ସମୁଦ୍ରର ଗର୍ଜନ ଭୀଷଣରୁ ଭୀଷଣତର ହୋଇଉଠୁଛି । ସକାଳୁ ସୂର୍ଯ୍ୟଙ୍କ

Digitized by srujanika@gmail.com

କିରଣରେ ଦେଖିଲି ସେଇ ପ୍ରବାଳଶୈଳ ପ୍ରାଚୀର, ତା' ଉପରେ ପେଟେଇପଡୁଛି ଢେଉଗୁଡ଼ିକ ।

ହଁ, ଏଇତ ସେଇ ପ୍ରବାଳଦ୍ୱୀପ ! ଅଧୀର ଆନନ୍ଦରେ ନାଚିଲି ଡେକ୍ ଉପରେ । ବନ୍ଧୁମାନଙ୍କୁ ଦେଖାକରିବା ପାଇଁ ପ୍ରବଳ ଆନନ୍ଦରେ ବ୍ୟାକୁଳ ହୋଇଉଠିଲି । ସେମାନଙ୍କର ଛଅଟା ଆଗରୁ ତ ନିଦ ଭାଙ୍ଗେନାହିଁ, ଅଥଚ ଘଡ଼ିରେ ମାତ୍ର ତିନିଟା ବାଜିଛି । ତେଣୁ ଗୋଟାଏ ଉପାୟକଲି । କିଛି ବାରୁଦ ଆଣି କମାଣରେ ପୂରାଇଲି ।



ତା'ପରେ ଖଣ୍ଡେ ଛଡ଼ ନିଆଁରେ ଦେଇ ବାହାରକୁ ଆସିଲି । ପ୍ରବାଳ ଦ୍ୱୀପ ରହିଛି ମାତ୍ର ଏକ-ଚତୁର୍ଥାଂଶ ମାଇଲ ଦୂରରେ । ତା'ପରେ ପାଖେଇ ଆସୁଛି ଧୀରେ ଧୀରେ । ଯେଉଁଠି ହାଙ୍ଗରଟା ଆମକୁ ଗୋଡ଼ାଇଥିଲା ସେଠାରେ ପହଞ୍ଚିଲି । ତତଲା ଲୁହାଛଡ଼ଟା ନିଆଁରୁ ଉଠାଇଆଣି କମାଣରେ ଦେବାରେ ଆକାଶ ପବନ ଥରାଇ ଏକ ବିସ୍ଫୋରଣ ହେଲା ।

ପିଟରକିନ୍ ଡେଇଁ ଡେଇଁ ସମୁଦ୍ର କୂଳରେ ଚାରିଆଡ଼େ ଅନାଇବାର ଦେଖିଲି । ଜାହାଜ ଦେଖି ସେ କୁଡ଼ିଆକୁ ବୋଧହୁଏ ଧାଇଁଲା । ଅଳ୍ପ ସମୟ ପରେ ପୁଣି ଦୌଡ଼ିଆସି ଜାହାଜଟାକୁ ଲକ୍ଷ୍ୟ କରିବାକୁ ଲାଗିଲା ।

ଦୂରରୁ ସେମାନଙ୍କୁ ଦେଖି ଆନନ୍ଦରେ ଆତ୍ମହରା ହୋଇ ମୁଁ ଚିତ୍କାର କଲି— ଜେକ୍, ପିଟରକିନ୍, ଶୁଣ... ମୁଁ... ମୁଁ ଆସିଚି ।

Digitized by srujanika@gmail.com

ସେମାନେ ମୋ ଆଡ଼କୁ ଅନାଇଲେ ଏବଂ ପରେ ପରେ ପାଣିରେ ଝାମ୍ପଦେଲେ । ମୁଁ ମଧ ପାଣିକୁ ଝାମ୍ପଦେଲି । ଆମେ ସମସ୍ତେ ଏକାଠିହେଲୁ । ପିଟରକିନ୍ ମୋତେ କୁଣ୍ଢାଇଧରିଲା । କେତେ ଯେ ରୁଟିଫଳ, ନଡ଼ିଆ, ସିଝାଆଳୁ ମୋତେ ଖୁଆଇଲା ଠିକଣା ନାହିଁ । ଆନନ୍ଦରେ ସେ ଯେପରି ପାଗଳ ।

ଏଥର ସେମାନଙ୍କ କଥା ଶୁଣାଇବାକୁ ଜେକ୍‌କୁ କହିଲି । ଜେକ୍ କହିଲା– ତମେ ତ ଅନ୍ଧକାର ଗୁହାରୁ ଚାଲିଆସିଲ । ଅଧଘଣ୍ଟାଏ ବିତିଗଲା– ତମେ ଫେରିଆସିଲ ନାହିଁ । ବଡ଼ ବିରକ୍ତ ହେଲୁ । ଘଣ୍ଟାଏ କଟିଗଲାପରେ ଠିକ୍ କଲି ଯେ ତମ ସନ୍ଧାନରେ ବାହାରିବି । ପିଟରକିନ୍ ବାଧାଦେଇ କହିଲା ଯେ ମୁଁ ଯଦି ଫେରିନଆସେ ତେବେ ତାକୁ ଜୀବନସାରା ଏ ଗୁହା ଭିତରେ କଟାଇବାକୁ ପଡ଼ିବ । ମୁଁ ତାକୁ ପ୍ରବୋଧକରି ବାହାରକୁ ଆସିଲି ।

ତମର ଖବର ନପାଇ ମୋର ମନର ଅବସ୍ଥା ଯେ କ’ଣ ହୋଇଥିବ ତମେ ବୁଝିପାରୁଥିବ । ଭାବିଲି, ସେମାନେ ହୁଏତ ତୁମକୁ ମାରିଦେଇଛନ୍ତି । ବହୁତ ଖୋଜିବା ପରେ ତମର ମୃତଦେହ ନପାଇବାରୁ ବୁଝିଲି ସେମାନେ ତୁମକୁ ଧରିନେଇଛନ୍ତି । ତା’ଛଡ଼ା ଦେଖିଲି ଜାହାଜଟା ଧୀରେ ଧୀରେ ଦୂରକୁ ଚାଲିଯାଉଛି । ସେଦିନ ମୁଁ ବହୁତ କାନ୍ଦିଲି– ଜୀବନରେ କେବେ ଏତେ କାନ୍ଦିନାହିଁ ।

ଜାହାଜଟା ଅଦୃଶ୍ୟ ହେବା ପରେ ଗୁହାକୁ ଫେରିଆସିଲି । ଦୁଇଜଣ ଅନେକ ଯୁକ୍ତି ପରେ ଠିକ୍ କଲୁ ଯେ କାଳେ ତୁମକୁ ମାରି କେଉଁଠି ପକାଇଦେଇଥିବେ, ସେଥିପାଇଁ ସବୁଆଡ଼େ ତନ୍ନ ତନ୍ନ କରି ଖୋଜିବୁ । ସମସ୍ୟା ହେଲା, ତୁମର ସାହାଯ୍ୟ ନନେଇ ପିଟରକିନ୍‌କୁ ସେ ଅନ୍ଧକାର ଗୁହାରୁ କିପରି ବାହାରକରିବି । ତା’ପରେ ତାକୁ ବୁଝାଇ ନେବାକୁ ବସିଲି, କିନ୍ତୁ ହେଲାନାହିଁ । ଠିକ୍ କଲି ଏକ ଘୁସିମାରି ତାକୁ ଅଜ୍ଞାନ କରିଦେଇ ଉପରକୁ ଆଣିବି । ପିଟରକିନ୍ ଆପତ୍ତିକଲା । କହିଲା– ଯଦି ଗୋଟିଏ ଘୁସିରେ ଅଜ୍ଞାନ ନହୁଏ ତେବେ ତ ଆହୁରି ଘୁସି ଲଗାଇବ । ନା, ତା ହୋଇପାରିବ ନାହିଁ । ଘୁସିରେ ଯଦି ପ୍ରାଣ ଯିବ ତେବେ ତ ମୁସ୍କିଲ୍ !

ମୋ ମୁଣ୍ଡରେ ଆଉ ଗୋଟିଏ ବୁଦ୍ଧି ପଶିଲା । ଗୋଟାଏ ଲମ୍ବା ଠେଙ୍ଗାରେ ପିଟରକିନ୍‌କୁ ବାନ୍ଧିଦେଲେ ଚଳିବ । ପିଟରକିନ୍ ଏକଥା ଶୁଣି ମୁହଁଟା ଯେପରି କରିଥିବ ଭାବିପାରିଥିବ । ଯା’ ହେଉ, ସେ ଏଥିରେ ରାଜିହେଲା । ଏକ ବଡ଼ ଲମ୍ବା ବାଡ଼ିରେ ତାକୁ ବାନ୍ଧିଦେଲି । ପିଟରକିନ୍ ଗୋଟାଏ ଦୀର୍ଘ ନିଶ୍ୱାସ ନେଲା । ସେ ଆଖି ବୁଜିବା ସଙ୍ଗେ ସଙ୍ଗେ ତାକୁ ନେଇ ବୁଡ଼ିଲି ଓ ସୁଡ଼ଙ୍ଗ ପଥ ପାରି ହୋଇ ମୁହୂର୍ତ୍ତକ ମଧରେ ଅନ୍ୟ ପାଖରେ ଉଠିଲି ।

Digitized by srujanika@gmail.com

ତା' ପରେ ତୁମର ସନ୍ଧାନରେ ବାହାରିପଡ଼ିଲୁ । ସବୁ ଜାଗା ଟିକିନିଖି କରି ଖୋଜିଲୁ । ପ୍ରବାଳ ପ୍ରାଚୀର ପାଖରେ ଖୋଜୁ ଖୋଜୁ ପିଟରକିନ୍ ଗୋଟିଏ ବାକ୍ସ ଦେଖିଲା । ଢାଙ୍କୁଣି ଖୋଲି ଦେଖିଲୁ ଯେ ଭିତରେ ଗୁଳିବାରୁଦ ରହିଛି ।

ମୃଦୁହସି ମୁଁ କହିଲି— ତାହା ମୁଁ ପଠାଇଥିଲି ।

ପିଟରକିନ୍ କହିଉଠିଲା— ଜେକ୍, ବାଜିମାରିବା ଟଙ୍କାଟା ଶୀଘ୍ର ବାହାରକର, ନଚେତ୍ ଧାରୁଆ ବୋଲି ଜୀବନଟା ସାରା ତୁମକୁ ଜେଲ୍‌ରେ ରଖିଦେବି ।

ଜେକ୍ ହସି ହସି କହିଲା— ଆଚ୍ଛା, ଗୋଟେ ହେଣ୍ଡନୋଟ୍ ଲେଖିଦେଉଛି ।

ଜେକ୍ କହିଲା— ଯାହାହେଉ, ଏ ଗୁଳିବାରୁଦତକ ଆମର ବହୁତ କାମରେ ଲାଗିଲା । ବେଶ୍ ଶିକାର କଲୁ । ତମର କୌଣସି ଖବର ନ ପାଇ ତମ କଥା ବାଦ୍‌ଦେଲୁ । ଦ୍ୱୀପରେ ରହିବାକୁ ଆଉ ମନ ଡାକିଲା ନାହିଁ— ଭଗ୍ନହୃଦୟରେ ଜାହାଜ ଅପେକ୍ଷାରେ ରହିଲୁ । ତୁମକୁ ପାଇ ଏବେ ବେଶ୍ ଭଲଲାଗୁଛି ।

ଟିକିଏ ରହି ଜେକ୍ ପୁଣି କହିଲା— ଘରକୁ ଫେରିବା ପୂର୍ବରୁ ଆଖପାଖର ଦୁଇଚାରିଟା ଦ୍ୱୀପ ଦେଖିବାପାଇଁ ଇଚ୍ଛା ହେଉଛି । ଏଡ଼େ ସୁନ୍ଦର ଜାହାଜ ଥାଉ ଥାଉ ଭାବନା ଆଉ କ'ଣ ?

ପିଟର୍‌କିନ୍ କହିଲା— ବେଶ୍, ଶୀଘ୍ର ବାହାରିପଡ଼ିବା ଉଚିତ ।

ଜିନିଷପତ୍ର ସଜାଡ଼ି ଡଙ୍ଗାରେ ନେଇ ଜାହାଜରେ ବୋଝେଇକଲୁ । ଦ୍ୱୀପ ଛାଡ଼ିଯିବା ପୂର୍ବରୁ ଆମର ସେଇ ପ୍ରିୟ ଦ୍ୱୀପର ବହୁ ପରିଚିତ ସ୍ଥାନ ବୁଲି ଦେଖିଲୁ । ତା'ଛଡ଼ା ଭଙ୍ଗା ପେନ୍‌ସିଲ୍, ଟେଲିସ୍କୋପ୍, ଭଙ୍ଗାଛୁରୀ ଓ ପାଲଟଣା ଦଉଡ଼ି ଯାହା ନେଇ ଏ ଦ୍ୱୀପକୁ ଆସିଥିଲୁ, ସ୍ମୃତିଚିହ୍ନ ଭାବରେ ଯତ୍ନର ସହିତ ସାଙ୍ଗରେ ଏଗୁଡ଼ିକ ନେଲୁ ।

ଖଣ୍ଡେ କାଠ ଉପରେ ବଡ଼ ବଡ଼ ଅକ୍ଷରରେ ଲେଖିଲୁ—

ଜେକ୍ ମାର୍ଟିନ୍

ରାଲ୍‌ଫ ରୋଭର

ପିଟର୍‌କିନ୍ ଗେ

ତା'ପରେ କାଠଟା କୁଟୀର ଆଗରେ ଟଙ୍ଗାଇଦେଇ ଏତେ ଦିନର ପ୍ରିୟ ପ୍ରବାଳ ଦ୍ୱୀପରୁ ବିଦାୟ ନେଇ ଜାହାଜରେ ଉଠିଲୁ । ଜାହାଜ ଚାଲିଲା । ଆସ୍ତେ ଆସ୍ତେ ଦ୍ୱୀପଟା ଛୋଟ ହୋଇ ଆସିଲା । ସୂର୍ଯ୍ୟାସ୍ତ ସଙ୍ଗେ ସଙ୍ଗେ ଦ୍ୱୀପର ଉଚ୍ଚ ପାହାଡ଼ ଦି'ଟା ପ୍ରଶାନ୍ତ ମହାସାଗରର ଛାତିରେ ଆମ ଦୃଷ୍ଟିର ଅନ୍ତରାଳରେ ଲୁଚିଗଲା ।

—

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଶିହରଣ ଓ ରୋମାଞ୍ଚ ଦେଇପାରୁଥିବା କାହାଣୀ ବହି କିଶୋରପାଠକମାନଙ୍କୁ ବିମୋହିତ କରେ । ଓଡ଼ିଆ ପିଲାଙ୍କୁ ସେଭଳି ବହି ଯୋଗାଇଦେଇଛି ବିଶ୍ୱସାହିତ୍ୟ ଗ୍ରନ୍ଥମାଳାର ଶତାଧିକ ବହି । ସେମାନେ ଏଇ ବହିଗୁଡ଼ିକ ପଢ଼ି ଆନନ୍ଦ ପାଇଛନ୍ତି, ବିଶ୍ୱସାହିତ୍ୟ ସହ ପରିଚିତ ହୋଇଛନ୍ତି ଓ ବହି ପଢ଼ିବା ଅଭ୍ୟାସ ଲାଭକରିଛନ୍ତି ।

ସବୁ ପୁସ୍ତକମେଳା ଓ ଲାଇବ୍ରେରୀରେ ଛାତ୍ର–ଛାତ୍ରୀମାନେ ଖୋଜିଛନ୍ତି ବିଶ୍ୱସାହିତ୍ୟ ଗ୍ରନ୍ଥମାଳାର ରୋମାଞ୍ଚକର ବହି । ବହୁ ବିଶ୍ୱ–ବିଖ୍ୟାତ ବହିର ସଂକ୍ଷିପ୍ତସାର ଏହା ଯୋଗାଇଦିଏ । ବହୁ ଶିକ୍ଷାବିତ୍ ଏ ବହିଗୁଡ଼ିକର ଉଚ୍ଚ ପ୍ରଶଂସା କରିଛନ୍ତି । ସେମାନଙ୍କ ଭିତରୁ ଦୁଇଜଣଙ୍କ ଅଭିମତ ହେଲା –

"Biswa Sahitya Series - deserves commendation by all lovers of Odia. By providing reading material to the adolescent child, the publishers have earned the gratitude of all parents." Dr. Deviprasanna Pattanaik

"ଏହି ବହିଗୁଡ଼ିକ କିଶୋରବୟସ୍କ ଛାତ୍ରଛାତ୍ରୀଙ୍କ ପକ୍ଷେ ଅତୀବ ଆକର୍ଷଣୀୟ ହୋଇପାରିଛି । ଏହା ସେମାନଙ୍କ କଳ୍ପନାକୁ ଉଦ୍ଦୀପ୍ତ କରିବା ସଂଗେ ସଂଗେ ସାହିତ୍ୟ ପ୍ରତି ଅନୁରାଗ ବଢ଼ାଇଚି ।" (ଡ଼. ଜାନକୀ ବଲ୍ଲଭ ମହାନ୍ତି)

ସବୁ ପାଠକ ଓ ଅଭିଭାବକଙ୍କର ଏହାହିଁ ଅଭିମତ । ଜଣାଇଲେ ବହିଗୁଡ଼ିକର ପୂରା ତାଲିକା ପଠାଇଦେବୁ ।

ପ୍ରକାଶକ ଓ ପ୍ରାପ୍ତିସ୍ଥାନ

କିଶୋର ସାହିତ୍ୟ ମନ୍ଦିର

୨୦୧, ଶ୍ରୀନିବାସ, ସୂତାହାଟ, କଟକ–୧

ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ–୨

ଯୋଗାଯୋଗ : (୦୬୭୧) ୨୩୦୮୨୩୪

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

Digitized by srujanika@gmail.com